୬ କୋହଲିଙ୍କ ଭଳି କେହି ଚାପକୁ ସମ୍ଭାଳି ପାରିବେ ନାହିଁ : ଅନୁରାଗ ଠାକୁର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com
The Sambad Kalika
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୩୦ ● ୨୫ ଫେବୃଆରୀ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-30 ● 25th February 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଜାରି ହେଲା ପିଏମ୍ କିଷାନର ୧୯ତମ କିସ୍ତି

**ଭାଗଲପୁର, ୨୪।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ବିହାରର ଭାଗଲପୁରରୁ ପିଏମ୍ କିଷାନ ଯୋଜନାର ୧୯ତମ କିସ୍ତି ଜାରି କରିଛନ୍ତି । ଏହି ଯୋଜନା ଦ୍ୱାରା ସାରା ଦେଶରେ ୯୮ ନିୟୁତରୁ ଅଧିକ କୃଷକ ଉପକୃତ ହେବେ। ଏଥର ୧୯ତମ କିସ୍ତିରେ ୨୨ ହଜାର କୋଟିରୁ ଅଧିକ ଟଙ୍କା ବଣ୍ଟନ କରାଯାଇଛି । ଏହି ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଛି। ଏଥିରେ ବିହାରର ୭.୬ ନିୟୁତ କୃଷକ ଅଛନ୍ତି, ଯେଉଁମାନଙ୍କ ଖାତାକୁ ପ୍ରାୟ ୧୬୦୦ କୋଟି ଟଙ୍କା ପ୍ରେରଣ କରାଯାଇଛି।





୨୦୧୯ ଫେବୃଆରୀ ୨୪ରେ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ଶୁଭାରମ୍ଭ ହୋଇଥିଲା। ୨୦୨୪ ମସିହା ଅକ୍ଟୋବର ୫ ତାରିଖରେ ମହାରାଷ୍ଟ୍ରର ୱାଶିମରୁ ୧୮ତମ କିସ୍ତି ପ୍ରେରଣ କରାଯାଇଥିଲା।

ଏହି ଅବସରରେ ମୋଦି କହିଛନ୍ତି, ଆଜି ଦେଶର କୋଟି କୋଟି କୃଷକଙ୍କ ଆକାଉଣ୍ଟରେ ଟଙ୍କା ପହଞ୍ଚିଛି । କିଷାନ ସମ୍ମାନ ନିଧିର କିସ୍ତି ଜାରି କରାଯାଇଛି । ସୋମବାର ବିହାରର ୭୫ ଲକ୍ଷରୁ ଅଧିକ କୃଷକ ପରିବାରର ଆକାଉଣ୍ଟକୁ ୧.୬ ବିଲିୟନରୁ ଅଧିକ ଟଙ୍କା ଜମା କରାଯାଇଛି। କିଷାନ ନିଧିର କିସ୍ତି ଗୋଟିଏ କ୍ଲିକରେ ପ୍ରତ୍ୟେକ କୃଷକଙ୍କ ଆକାଉଣ୍ଟରେ ଜମା କରାଯାଇଛି। କେନ୍ଦ୍ରରେ ଏନଡିଏ ସରକାର ହେଉ କି ବିହାର, କୃଷକ କଲ୍ୟାଣ ଆମର ସର୍ବୋଚ୍ଚ ପ୍ରାଥମିକତା। ଗତ ଏକ ଦଶନ୍ଧି ମଧ୍ୟରେ ଆମେ ପୂରା ଶକ୍ତି ସହ କାମ କରିଛୁ।

# ଅଯୋଧ୍ୟାରେ ଓଡ଼ିଶାବାସୀଙ୍କ ଲାଗି ଅତିଥି ଭବନ ନିର୍ମାଣ କରାଯିବ: ମୁଖ୍ୟମନ୍ତ୍ରୀ

**ଅଯୋଧ୍ୟା, ୨୪।୨**

ଅଯୋଧ୍ୟାରେ ଓଡ଼ିଶାବାସୀଙ୍କ ଲାଗି ଅତିଥି ଭବନ ନିର୍ମାଣ କରାଯିବ। ଏଥିଲାଗି ମୁଁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ କଥା ହେବି । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସେ ଆହୁରି କହିଛନ୍ତି ଓଡ଼ିଶାରୁ ବହୁ ଲୋକ ଅଯୋଧ୍ୟା ଆସି ରାମଲାଲାଙ୍କ ଦର୍ଶନ କରୁଛନ୍ତି । ଏଣୁ ସେମାନଙ୍କ ରହିବା ଲାଗି ଓଡ଼ିଶା ସରକାର ଅତିଥି ଭବନ ନିର୍ମାଣ କରିବେ। ଉତ୍ତର ପ୍ରଦେଶ ସରକାର ଜମି ଯୋଗାଇଦେବା ମାତ୍ରେ ଅତିଥି ଭବନ ନିର୍ମାଣ କାମ ଆରମ୍ଭ ହେବ। ସୂଚନାଯୋଗ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସପରିବାର ଅଯୋଧ୍ୟାରେ ରାମଲାଲାଙ୍କ ଦର୍ଶନ କରିବା ସହ ଓଡ଼ିଶା ଓ ଦେଶର ଉନ୍ନତି କାମନା କରି ପୂଜାର୍ଚ୍ଚନା କରିଥିଲେ।



ସଙ୍ଗମରେ ବୁଡ ପକାଇବା ସହିତ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଥିଲେ, ଏଠାରେ ଉପସ୍ଥିତ ରହି ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି । ପବିତ୍ର ସଙ୍ଗମରେ ବୁଡ ପକାଇଛି ଏବଂ ପ୍ରାର୍ଥନା କରିଛି ଓଡ଼ିଶା ତଥା ଦେଶର କଲ୍ୟାଣ ପାଇଁ । ମା ଗଙ୍ଗା, ମା ଯମୁନା ଓ ମା ସରସ୍ୱତୀଙ୍କ ନିକଟରେ ପ୍ରାର୍ଥନା କରି ଆଶୀର୍ବାଦ ମାଗିଛି । ମହାକୁମ୍ଭ ମେଳା ପାଇଁ ଉତ୍ତର ପ୍ରଦେଶ ସରକାର ଭଲ ବ୍ୟବସ୍ଥା କରିଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ତାଙ୍କର ଟିମ୍ ଶ୍ରଦ୍ଧାଳୁଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂକଳ୍ପ ବିକଶିତ ଭାରତକୁ ଆଗେଇ ନେବା ପାଇଁ ଏହା ମଧ୍ୟ ଏକ ବଳିଷ୍ଠ ଉଦ୍ୟମ।

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଆୟୋଜିତ ବିଶ୍ୱ ପ୍ରସିଦ୍ଧ ମହାକୁମ୍ଭ–୨୦୨୫ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗତମାସ ୧୩ ତାରିଖ ଠାରୁ ତ୍ରିବେଣୀ ସଙ୍ଗମରେ ଆରମ୍ଭ ହୋଇଥିବା ଏହି ଧାର୍ମିକ ମେଳାରେ ଏଯାଏଁ ୫୫ କୋଟିରୁ ଅଧିକ *(ପୃଷ୍ଠା ୭ରେ)*

# ଭୁବନେଶ୍ୱର-କଟକରେ ଲାଗିବ ହାଇ ରିଜୋଲ୍ୟୁସନ ଏଆଇ କ୍ୟାମେରା



**ଭୁବନେଶ୍ୱର, ୨୪।୨**
**ନ୍ୟୁଜ୍ ବ୍ୟୁରୋ**

ଟୁଇନ ସିଟିକୁ ଜଗିବ କ୍ୟାମେରା। ଭୁବନେଶ୍ୱର କଟକରେ ଲାଗିବ ହାଇ ରିଜୋଲ୍ୟୁସନ କ୍ୟାମେରା। ଆଡଭାନ୍ସ ଫେସିଆଲ ରେକୋଗନାଇଜ ସିଷ୍ଟମ ଜରିଆରେ ଚିହ୍ନଟ ହେବେ ଅପରାଧୀ ଓ ଟ୍ରାଫିକ ଖିଲାପକାରୀ । ବାୟୋ ମେଟ୍ରିକ୍ସ ଆକ୍ସେସ କଣ୍ଟ୍ରୋଲ ସିଷ୍ଟମ ଜରିଆରେ ଚିହ୍ନଟ ହେବେ । ସହର ଭିତରେ ୧ ହଜାର କ୍ୟାମେରା ଥିଲେ ମଧ୍ୟ ଅଧିକାଂଶ ଅଚଳ ରହିଛି । ଟେକ୍ନୋଲୋଜି ଜରିଆରେ ଅପରାଧ କମାଇବା ସହ ଅପରାଧୀଙ୍କୁ ଧରିବା ନେଇ ଗୁରୁତ୍ୱାରୋପ କରିଛନ୍ତି ପୋଲିସ କମିଶନର। ଏହାପରେ ମଧ୍ୟ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ପାଟ୍ରୋଲିଂକୁ ବ୍ୟାପକ କରିବା ସହ ଆପାର୍ଟମେଣ୍ଟରେ ବ୍ୟାପକ ସିସିଟିଭି, ସିକ୍ୟୁରିଟି ଗାର୍ଡ ମୁତୟନ ନେଇ ଗୁରୁତ୍ୱାରୋପ କରାଯାଇଛି । ପୋଲିସିଂ ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ଭାଗିଦାରୀ ପାଇଁ ଅଧିକ ଫୋକସ ରହିଛି। ପ୍ରତ୍ୟେକ ସିଭିଲିଆନ ବିନା ପୋଷାକରେ ପୋଲିସିଂ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ପାଇଁ ଗୁରୁତ୍ୱାରୋପ କରିଛନ୍ତି ଟୁଇନ ସିଟି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ।

# କାଶୀ-ତାମିଲ୍ ସଙ୍ଗମ ହେଉଛି ଦେଶର ସାଂସ୍କୃତିକ ଐତିହ୍ୟ ଓ ଏକତାର ଅନନ୍ୟ ନିଦର୍ଶନ

**ଭୁବନେଶ୍ୱର, ୨୪।୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବାରାଣାସୀ ଠାରେ ଆୟୋଜିତ କାଶୀ–ତାମିଲ ସଙ୍ଗମ ୩.୦ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ, କାଶୀ–ତାମିଲ୍ ସଙ୍ଗମ ହେଉଛି ଦେଶର ସାଂସ୍କୃତିକ ଐତିହ୍ୟ ଓ ଏକତାର ଅନନ୍ୟ ନିଦର୍ଶନ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତର ପ୍ରତ୍ୟେକ ଅଞ୍ଚଳର ଭାଷା, ରୀତିନୀତି ଓ ପ୍ରଥା ଅଲଗା ହୋଇପାରେ। କିନ୍ତୁ ଆମ ସମସ୍ତଙ୍କର ପାରସ୍ପରିକ ସ୍ନେହ, ସୌହାର୍ଦ୍ଦ୍ୟ ଓ ଆଧ୍ୟାତ୍ମିକ ଚିନ୍ତାଧାରା ସମାନ । ଆମର ଏହି ସାଂସ୍କୃତିକ ଏକତା ଭାରତକୁ ଅନ୍ୟ ସବୁ ରାଷ୍ଟ୍ରମାନଙ୍କ ଠାରୁ ସ୍ୱତନ୍ତ୍ର କରିଛି । ଆମେ ସମସ୍ତେ ମହାଭାରତୀୟ ସାଂସ୍କୃତିକ ଐତିହ୍ୟର ଗୋଟିଏ ଗୋଟିଏ ଅଂଶ । ଆମେ ସମସ୍ତେ ଏହି ମହାଭାରତୀୟ ଚେତନାରେ ବାନ୍ଧି ହୋଇ ରହିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



ସୂଚନାଯୋଗ୍ୟ ଯେ, ଭାରତର ସାଂସ୍କୃତିକ ଏକତାକୁ ସୁଦୃଢ଼ କରିବା ପାଇଁ ଓ ଏହାର ପ୍ରଚାର ପ୍ରସାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ରେ କାଶୀ–ତାମିଲ ସଙ୍ଗମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଚଳିତ ବର୍ଷ ଏହା ଫେବୃଆରୀ ୧୫ ତାରିଖରୁ ବାରାଣାସୀର ନମୋ–ଘାଟରେ ଆୟୋଜିତ ହେଉଛି । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡଃ ସୁକାନ୍ତ ମଜୁମ୍ଦାର ଏବଂ ଉତ୍ତର ପ୍ରଦେଶର କ୍ୟାବିନେଟ ମନ୍ତ୍ରୀ ଅନିଲ ରାଜଭର ଯୋଗ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଁ ନିଜକୁ ଖୁବ୍ ଗୌରବାନ୍ୱିତ ମନେ କରୁଛି । କାଶୀ ଓ ତାମିଲନାଡୁ ମଧ୍ୟରେ ଆଧ୍ୟାତ୍ମିକ ସମ୍ପର୍କ ଖୁବ୍ ପ୍ରାଚୀନ । କାଶୀ କେବଳ *(ପୃଷ୍ଠା ୭ରେ)*

# ଯନ୍ତ୍ରଣା ଉପଶମ ଔଷଧ ଉତ୍ପାଦନ, ରପ୍ତାନି ବନ୍ଦ ପାଇଁ ଡିସିଜିଆଇ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୪।୨**

ପଶ୍ଚିମ ଆଫ୍ରିକୀୟ ଦେଶଗୁଡ଼ିକୁ ରପ୍ତାନି ହେଉଥିବା ଯନ୍ତ୍ରଣା ଉପଶମକାରୀ ଔଷଧରେ ଅଣଅନୁମୋଦିତ କମ୍ବିନେଶନ (ମିଶ୍ରଣ) ଯୋଗୁ ସେଠାରେ ଓପିଓଇଡ ସଙ୍କଟ ବଢ଼ାଉଥିବା ଖବର ପ୍ରକାଶ ପାଇଥିଲା। ଫଳରେ ଟାପେଣ୍ଟାଡୋଲ ଏବଂ କାରିସୋପ୍ରୋଡୋଲ ଔଷଧର ସମସ୍ତ କମ୍ବିନେଶନର ଉତ୍ପାଦନ ଓ ରପ୍ତାନିକୁ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ବନ୍ଦ କରିଛନ୍ତି। ସମସ୍ତ ରପ୍ତାନି ଫେରାଇଆଣିବା ସହ ୨ ଔଷଧର ମିଳିତ ଉତ୍ପାଦନ ପାଇଁ ଅନୁମତି ପ୍ରତ୍ୟାହାର କରିନେବାକୁ ଡିସିଜିଆଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଔଷଧ ନିୟନ୍ତ୍ରକ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଟାପେଣ୍ଟାଡୋଲ ହେଉଛି ଏକ ଓପିଓଇଡ ଔଷଧ, ଯାହା ସାଧାରଣରୁ ଅତ୍ୟଧିକ ଯନ୍ତ୍ରଣା ଉପଶମ ପାଇଁ ବ୍ୟବହାର କରାଯାଇଥାଏ। ସେହିପରି ମାଂସପେଶୀ ବିକାର ଉପଶମ ପାଇଁ କାରିସୋପ୍ରୋଡୋଲ ବ୍ୟବହୃତ ହୁଏ। ଉଭୟ ଔଷଧକୁ କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ କର୍ତ୍ତୃପକ୍ଷ (ସିଡିଏସସିଓ) ଅଲଗା ଅଲଗା ଅନୁମୋଦନ ଦେଇଛନ୍ତି । ଦେଶରେ ଏହାର କମ୍ବିନେଶନକୁ ଅନୁମୋଦନ କରାଯାଇ ନାହିଁ । ଏଗୁଡ଼ିକ ଭାରତର ଏନଡିପିଏସ ଔଷଧ ତାଲିକାରେ ମଧ୍ୟ ନାହିଁ। ତେବେ ଭାରତରୁ ପଶ୍ଚିମ ଆଫ୍ରିକୀୟ ଦେଶଗୁଡ଼ିକୁ ରପ୍ତାନି ହେଉଥିବା ଟାପେଣ୍ଟାଡୋଲ ଏବଂ କାରିସୋପ୍ରୋଡୋଲର କମ୍ବିନେଶନରେ ଯଥେଷ୍ଟ ତ୍ରୁଟି ସମ୍ଭାବନା ଥିବା ଏକ ବିଦେଶୀ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ଔଷଧ ଲୋକଙ୍କ ଉପରେ କ୍ଷତିକାରକ ପ୍ରଭାବ ପକାଇବା ସମ୍ଭାବନା ଥିବାରୁ ସେଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର କରିଆଣିବା ପାଇଁ ଡିସିଜିଆଇ କହିଛି।

# କୋଣାର୍କରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ



**କୋଣାର୍କ, ୨୪।୨**
**ନ୍ୟୁଜ୍ ବ୍ୟୁରୋ**

କୋଣାର୍କ ସୂର୍ଯ୍ୟ ମନ୍ଦିରରୁ ବାଲି କାଢିବାରେ ବିଳମ୍ବକୁ ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ । ସେ ସୋମବାର କୋଣାର୍କକୁ ଆସି ସ୍ଥିତି ପରଖିଛନ୍ତି। ବାଲି କାଢ଼ିବାରେ କାହିଁକି ବିଳମ୍ବ ହେଉଛି, ସେ ସମ୍ପର୍କରେ ଏ.ଏସ.ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି ଗଡ଼ନାୟକଙ୍କ ସହିତ ଆଲୋଚନା କରିଥିଲେ। ବାଲି କାଢ଼ିବା ଟ୍ରେସ ମ୍ୟାପ ମଧ୍ୟ ଦେଖିଛନ୍ତି। ସେ କିଭଳି *(ପୃଷ୍ଠା ୭ରେ)*

# ମାର୍ଚ୍ଚ ଆରମ୍ଭରେ ଅସହ୍ୟ ହେବ ଗରମ, ବଢୁଛି ତାପମାତ୍ରା

**ନୂଆଦିଲ୍ଲୀ, ୨୪।୨**

ଫେବୃଆରୀ ଶେଷ ସପ୍ତାହରୁ ବସନ୍ତ ପବନ ବହିବା ଆରମ୍ଭ କରିଛି । ସକାଳେ ଏବଂ ସନ୍ଧ୍ୟାରେ ସାମାନ୍ୟ ଥଣ୍ଡା ଅନୁଭୂତ ହେଉଥିବା ବେଳେ ଅପରାହ୍ନରେ ତାପମାତ୍ରା ବୃଦ୍ଧି ପାଇବା ସହିତ ଗରମ ଅନୁଭୂତ ହେଉଛି। ମାର୍ଚ୍ଚ ଆରମ୍ଭରୁ ପାଗରେ ପରିବର୍ତ୍ତନ ଦେଖିବାକୁ ମିଳିଲାଣି। ଗତ କିଛି ଦିନ ଧରି ପାଗରେ ପରିବର୍ତ୍ତନ ହୋଇଛି ଏବଂ ବର୍ତ୍ତମାନ ସୋମବାର ଠାରୁ ପଶ୍ଚିମ ବାୟୁମଣ୍ଡଳ ସକ୍ରିୟ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବ ଉତ୍ତର ଭାରତର ଅନେକ ରାଜ୍ୟରେ ଦୃଶ୍ୟମାନ ହେବ।



ପାଣିପାଗ ବିଭାଗ ଅନୁଯାୟୀ, ୨୪ରୁ ୨୬ ଫେବୃଆରୀ ପର୍ଯ୍ୟନ୍ତ ହରିୟାଣା, ପଞ୍ଜାବ, ଉତ୍ତରାଖଣ୍ଡ, ୟୁପି, ରାଜସ୍ଥାନ ଏବଂ ଦିଲ୍ଲୀ–ଏନସିଆରରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଉତ୍ତର-ପୂର୍ବ ରାଜ୍ୟ ଅରୁଣାଚଳ ପ୍ରଦେଶ, ମିଜୋରାମ, ମେଘାଳୟ, ନାଗାଲାଣ୍ଡ, ସିକିମ ଏବଂ ଆସାମରେ ଝଡ଼ବର୍ଷା ସହିତ ବର୍ଷାର ସତର୍କତା ଜାରି କରାଯାଇଛି। କିଛି ଅଞ୍ଚଳରେ ତୁଷାରପାତ ମଧ୍ୟ ଦେଖାଯାଇପାରେ।

# ୟୁନୁସ ସରକାରଙ୍କୁ କଡ଼ା ଜବାବ ଦେଲେ ଜୟଶଙ୍କର

**ନୂଆଦିଲ୍ଲୀ/ଢାକା, ୨୪।୨**

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର କହିଛନ୍ତି ଯେ ବାଂଲାଦେଶକୁ ନିଷ୍ପତ୍ତି ନେବାକୁ ପଡିବ ଯେ ସେ ଭାରତ ସହିତ କି ପ୍ରକାରର ସମ୍ପର୍କ ରଖିବାକୁ ଚାହୁଁଛି। ଏହା ହୋଇପାରିବ ନାହିଁ ଯେ ଗୋଟିଏ ପଟେ ତୁମେ ଭଲ ସମ୍ପର୍କ ବିଷୟରେ କହୁଛ ଏବଂ ପରଦିନ ତୁମେ ସବୁକିଛି ପାଇଁ ଆମକୁ ଦାୟୀ କରୁଛ। ସେ କହିଥିଲେ ଯେ ସେଠାକାର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କର କେହି ବି ଠିଆ ହୁଅନ୍ତି ଏବଂ କିଛି ଭୁଲ ହୁଏ ତେବେ ସେ ଏଥିପାଇଁ ଭାରତକୁ ଦାୟୀ କରନ୍ତି, ଏହା ଚଳିବ ନାହିଁ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସାହିତ୍ୟ ମହୋତ୍ସବରେ ବୈଦେଶିକ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ପଖାଳ



ପୁରୁଣା ବାସନା ପୁରୁଣା ସୁଆଦ
ମିଳୁନାହିଁ ଏବେ ଦଳେ
ସେ ପାଇଁ କାଟିଣ ସବୁ ସମ୍ପର୍କକୁ
କର୍ମୀ ଏବେ ଅନ୍ୟ କୂଳେ
କର୍ମ ଫଳ ଏବେ ମିଳେ
ବେଳ ଥାଉ ଥାଉ ଭେଳା ନ ବାନ୍ଧିଲେ
ଭିକ୍ଷା ମିଳିବନି ଥାଳେ ।

# ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ମାମଲାର ଶୁଣାଣି କରିବାକୁ ମନା କଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୨୪।୨**

ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରସଙ୍ଗ ଉଠାଇଥିବା ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଏହା ଅନ୍ୟ ଦେଶର ମାମଲା। ଆବେଦନରେ କେନ୍ଦ୍ର ସରକାରଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଥିଲା, କିନ୍ତୁ କୋର୍ଟ କହିଥିଲେ ଯେ ଏହା ବୈଦେଶିକ ନୀତି ସମ୍ପର୍କରେ ସରକାରଙ୍କୁ ନିର୍ଦ୍ଦେଶ ଦିଏ ନାହିଁ। ଲୁଧିଆନାର ଶିଳ୍ପପତି ରାଜେଶ ଧାଣ୍ଡା ଓକିଲ ମନୋହର ପ୍ରତାପଙ୍କ ମାଧ୍ୟମରେ ଏହି ଆବେଦନ ଦାଖଲ କରିଥିଲେ। ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଆବେଦନ ଉପରେ ଯୁକ୍ତି ଉପସ୍ଥାପନ କରିଥିଲେ, କିନ୍ତୁ ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ମାମଲାର ଶୁଣାଣି କରିବାକୁ ଅକ୍ଷମତା ପ୍ରକାଶ କରିଥିଲେ। ଏହା ପରେ ରୋହତଗୀ ଆବେଦନ ପ୍ରତ୍ୟାହାର କରିନେଇଥିଲେ। ଶୁଣାଣି ସମୟରେ ମୁକୁଲ ରୋହତଗୀ କହିଥିଲେ ଯେ ଆବେଦନକାରୀ ଇସ୍କନ ସହିତ ଜଡିତ ଏବଂ ସେ ଗୋଶାଳା ଚଳାଇବା ସମେତ ଅନେକ କଲ୍ୟାଣକାରୀ କାର୍ଯ୍ୟ କରନ୍ତି। ବାଂଲାଦେଶରେ ହିନ୍ଦୁମାନଙ୍କ ଅବସ୍ଥା ଦେଖି ସେ ଚିନ୍ତିତ। ଆବେଦନରେ ଏହା ମଧ୍ୟ ଦାବି କରାଯାଇଥିଲା ଯେ ବାଂଲାଦେଶରୁ ଆସୁଥିବା ହିନ୍ଦୁମାନଙ୍କ ପାଇଁ ନାଗରିକତା ସଂଶୋଧନ ଆଇନ (ସିଏଏ) ଅନୁଯାୟୀ ନିର୍ଦ୍ଧାରିତ ୨୦୧୪ ମସିହାର କଟ-ଅଫ ତାରିଖକୁ ବୃଦ୍ଧି କରାଯାଉ।

ଆବେଦନରେ କିଛି ଉଦାହରଣ ଦିଆଯାଇଥିଲା, ଯେଉଁଠାରେ ଏକ ଦେଶର ସରକାର ଅନ୍ୟ ଏକ ଦେଶର ମାମଲାରେ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତଙ୍କ ନିକଟକୁ ଯାଇଥିଲେ। ବୈଦେଶିକ ମନ୍ତ୍ରାଳୟ ବ୍ୟତୀତ, ଆବେଦନକାରୀ ଜାତିସଂଘକୁ ମଧ୍ୟ ଏକ ପକ୍ଷ କରିଥିଲେ ଏବଂ ସେମାନଙ୍କଠାରୁ ଉତ୍ତର ମାଗିଥିଲେ, କିନ୍ତୁ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରିବାକୁ ରାଜି ହୋଇ ନଥିଲେ।

# ଏବେ ସରିବନି ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ



**ପୁରୀ, ୨୪।୨**
**ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଏବେ ସରିବନି । ଆହୁରି ମାସେ ଦୁଇ ମାସ ଲାଗିବ। ତା ପରେ ଗଣତି ମଣତି କରାଯିବ। ଏଏସଆଇଙ୍କୁ ଯଥେଷ୍ଟ ସମୟ ମିଳିପାରୁନଥିବାରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଅବଧି ସମୟ ଭିତରେ ସରିବା ନେଇ ଦେଖାଦେଇଛି ଅନିଶ୍ଚିତତା । ରତ୍ନଭଣ୍ଡାର ମରାମତି ନେଇ ଏଏସଆଇଙ୍କୁ ଅଧିକ ସମୟ ଯୋଗାଇ ଦିଆଯିବା ନେଇ କରାଯାଉଛି ଆଲୋଚନା । ଭିବିନ୍ନ ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଓ ଦର୍ଶନାର୍ଥୀଙ୍କ ଭିଡ଼ ଯୋଗୁଁ ସ୍ଥଗିତ ରଖାଯାଉଛି ରତ୍ନଭଣ୍ଡାର ମରାମତି କାର୍ଯ୍ୟ। ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ପାଇଁ ପ୍ରଚେଷ୍ଟା କରାଯାଉଛି। *(ପୃଷ୍ଠା ୭ରେ)*



# ରୋଷ ଘରେ ବାହାର ଲୋକ ପ୍ରବେଶ କରିବାରୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ନୀତି ବିଳମ୍ବ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ରୋଷ ଘରେ ଜଣେ ବାହାର ଦର୍ଶନାର୍ଥୀ ପ୍ରବେଶ କରିବାରୁ ଶ୍ରୀଜୀଉ ମାନଙ୍କ ଦୈନନ୍ଦିନ ନୀତି ବିଳମ୍ବ ହୋଇଥିବା ଜଣାପଡ଼ିଛି । ଖବର ମୁତାବକ ଦ୍ୱିପ୍ରହର ଧୂପ ପ୍ରସ୍ତୁତ ସମୟରେ ଜଣେ ଦର୍ଶନାର୍ଥୀ ଭୁଲ୍ ବଶତଃ ବେଢ଼ା ପରିକ୍ରମା କରୁଥିବା ସମୟରେ ଠାକୁରଙ୍କ ରୋଷ ଘର ଭିତରକୁ ପଶି ଯାଇଥିଲା । ଭୋଗ ପ୍ରସ୍ତୁତ କରୁଥିବା ସୁଆର ସେବକମାନେ ଏହା ଦେଖିପାରି ମନ୍ଦିର କର୍ମଚାରୀ ମାନଙ୍କୁ ଖବର ଦେଇଥିଲେ । ତେବେ ସଂପୃକ୍ତ ବ୍ୟକ୍ତି ଜଣକ ନୂଆ କରି ଆସିଥିବାରୁ ଭୁଲ୍ ବଶତଃ କିଛି ଜାଣିନପାରି ରୋଷ ଘର ଭିତରକୁ ପ୍ରବେଶ କରିଥିବା ସ୍ୱୀକାର କରିଥିଲେ । ତେବେ ମନ୍ଦିରର ନିୟମ ଅନୁଯାୟୀ ଭୋଗ ପ୍ରସ୍ତୁତ ସମୟରେ ନିର୍ଦ୍ଦିଷ୍ଟ ସେବକଙ୍କ ବ୍ୟତୀତ ଅନ୍ୟ କେହି ବ୍ୟକ୍ତି, ପଶୁ, ପକ୍ଷୀ ରୋଷ ଘରେ ପ୍ରବେଶ କଲେ ପ୍ରସ୍ତୁତ ଭୋଗ ଗୁଡ଼ିକ ମାରା ହେବା ସହ ତାହା ଦିଅଁ ମାନଙ୍କ ପାଖରେ ଲାଗି କରାନଯାଇ ପୋତି ଦିଆଯାଏ । ତେବେ ରାଜ ପୁରୋହିତଙ୍କ ନିର୍ଦ୍ଦେଶ ମୁତାବକ ରୋଷ ଘର ଶୁଦ୍ଧ ଓ ପ୍ରତିଷ୍ଠା କରାଯାଇ ପୁନର୍ବାର ଭୋଗ ପ୍ରସ୍ତୁତ କରାଯାଇଥିବାରୁ ପ୍ରାୟ ୩ ଘଣ୍ଟା ବିଳମ୍ବରେ ମଧ୍ୟାହ୍ନ ଧୂପଲାଗି ହୋଇଥିବା ଜଣାପଡ଼ିଛି ।

# ଋଷିକୂଲ୍ୟା ମୁହାଣରେ ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡା ଜଗିଛନ୍ତି ୧୪୦ ସୁରକ୍ଷାକର୍ମୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ମୁହାଣରେ ବିଦେଶୀ ଅତିଥି ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଗଣ ଅଣ୍ଡାଦାନ ଚାଲିଛି । ଚଳିତ ବର୍ଷ ରେକର୍ଡ଼ ସଂଖ୍ୟକ ଅଣ୍ଡାଦାନ କରିଛନ୍ତି ଅଲିଭ୍ ରିଡ୍‌ଲେ । ଆଗାମୀ ଦିନରେ ଏହି ସଂଖ୍ୟା ବୃଦ୍ଧି ପାଇବ ନିଶ୍ଚୟ । ଚଳିତବର୍ଷ ସାମୁହିକ ଅଣ୍ଡାଦାନର ପ୍ରଥମ ଦିନରେ ଏଠାରେ ୧୧ ହଜାର ୩୯୦ ଅଲିଭ୍ ରିଡ୍‌ଲେ ବିରଳ କଇଁଛ ଗଣ ଅଣ୍ଡାଦାନ କରିଥିବା ବେଳେ ଦ୍ୱିତୀୟ ଦିନରେ ୭୯ ହଜାର ୧୬୮ଟି କଇଁଛ ଅଣ୍ଡା ଦେଇଥିଲେ । ଏମାନଙ୍କ ସୁରକ୍ଷା ଲାଗି ବନ ବିଭାଗ ଓ ସ୍ୱେଚ୍ଛାସେବୀ ମାନେ ବେଶ ରତ୍ନବାନ ଥିବା ଜଣାଯାଇଛି । ଅଲିଭ୍ ରିଡ୍‌ଲେଙ୍କୁ ଦେଖିବା ଲାଗି ପର୍ଯ୍ୟଟକମାନେ ମଧ୍ୟ ସକାଳୁ ସକାଳୁ ଏହି ଇଲାକାରେ ଭିଡ଼ ଜମାଉଥିବା ବେଳେ ବ୍ୟାରିକେଡ୍ ବନ୍ଧାଯାଇ କଇଁଛଙ୍କୁ ସୁରକ୍ଷା ଦିଆଯାଉଛି । ତେବେ ଋଷିକୂଲ୍ୟା ମୁହାଣରେ ବନ ବିଭାଗ ପକ୍ଷରୁ ୧୪୦ ଜଣ ସୁରକ୍ଷାକର୍ମୀ ଅଣ୍ଡାକୁ ଜଗିଛନ୍ତି । ନୂଆ ଅତିଥିମାନେ ସକାଳୁ ମଥା ପାତି ପାତି ସମୁଦ୍ର କୂଳ ଆଡ଼କୁ ସାଙ୍ଗ ହୋଇ ଆସୁଥିବା ବେଳେ ବିସ୍ତୀର୍ଣ୍ଣ ବେଳାଭୂମିରେ ଅଣ୍ଡାଦାନ କରୁଛନ୍ତି । ଜିଲ୍ଲାର ଋଷିକୂଲ୍ୟା ମୁହାଣ ଅର୍ଥାତ୍ ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପୋଡ଼ମ୍ପେଟା ଗ୍ରାମ ଠାରୁ ବଟେଶ୍ୱର ମନ୍ଦିର ନିକଟସ୍ଥ ସମୁଦ୍ର ବେଳାଭୂମିରେ ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମାଗମ ହୋଇ ବଂଶ ବିସ୍ତାର କରୁଛନ୍ତି । ସମ୍ପ୍ରତି ଏମାନଙ୍କ ଲାଗି ପାଗ ବେଶ୍ ଅନୁକୂଳ ହୋଇଛି । ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଗତବର୍ଷ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗଣଅଣ୍ଡାଦାନ ବ୍ୟାଘାତ ହୋଇଥିବା ବେଳେ ଚଳିତବର୍ଷ ଏଥିରେ ଦ୍ରୁତ ବୃଦ୍ଧି ଘଟିଛି । ସୂଚନାପ୍ରକାରେ ଶୀତଋତୁ ଆରମ୍ଭ ହେବା ପରେ ପରେ ଏମାନେ ଓଡ଼ିଶା ମୁହାଁ ହୋଇଥିଲେ । ମିଳନ ପର୍ବ ପରେ ପରେ ବାଲୁକା ଶଯ୍ୟାକୁ ଆସି ଗଣ ଅଣ୍ଡାଦାନ କରୁଛନ୍ତି । ଗଣ ଅଣ୍ଡାଦାନ ପୂର୍ବରୁ ପୁରୁଣାବନ୍ଧ ଠାରୁ ବଟେଶ୍ୱର ପର୍ଯ୍ୟନ୍ତ ପାଞ୍ଚ କିମି ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ବ୍ୟାରିକେଟ୍ କରାଯାଇଛି । ଗୋଟିଏ କଇଁଛ ଆନୁମାନିକ ୧୨୦ରୁ ୧୫୦ଟି ଅଣ୍ଡା ଦେଉଥିବା ନଜିର ରହିଥିବା ବେଳେ ଅଣ୍ଡା ଦେବା ପରେ ତାହାକୁ ବାଲିରେ ପୋତି ସମୁଦ୍ରକୁ ଚାଲିଯାଇଥାନ୍ତି । ୪୫ ଦିନ ପରେ ସେଥିରୁ ଛୁଆ ବାହାରି ସମୁଦ୍ରକୁ ଚାଲି ଯାଆନ୍ତି । ଶହେ ମିଟର ବ୍ୟବଧାନରେ ଗୋଟିଏ ଲେଖାଏଁ ୫୦ଟି ସେଗ୍‌ମେଣ୍ଟ କରାଯିବା ସହ ୮ଟି କୃତ୍ରିମ ପ୍ରଜନନ କେନ୍ଦ୍ର ପ୍ରତିଷ୍ଠା କରିଛି ବନ ବିଭାଗ । ବେଳାଭୂମିର ବାଲୁକାଶଯ୍ୟାରେ ସୁରକ୍ଷା ବାଡ଼ କରାଯାଇଛି । ଫଳରେ କୁକୁର ଓ ବିଲୁଆ ସେହି ସ୍ଥାନକୁ ଯାଇପାରିବେନାହିଁ । ପ୍ରତିଦିନ ବୋଟ୍ ମାଧ୍ୟମରେ ଫରେଷ୍ଟରଙ୍କ ତତ୍ତ୍ୱାବଧାନରେ ସମୁଦ୍ରରେ ପାଟ୍ରୋଲିଂ କରାଯାଉଛି । ମିଳନ ପର୍ବ ଠାରୁ ଆରମ୍ଭ କରି ବର୍ତ୍ତମାନ ଗଣଅଣ୍ଡାଦାନ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ୧୪୦ ଜଣ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିବା ସୂଚନା ମିଳିଛି ।

# ରେଳବାଇ କ୍ୱାର୍ଟରରୁ ବିପୁଳ ମଦ ଜବତ:ବ୍ୟବସାୟୀ ଫେରାର୍

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳବାଇ ଷ୍ଟେସନ୍ ପରିସରରେ ଅନେକ ଦିନ ହେଲା ବେଆଇନ୍ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଥିଲା । ଅଭିଯୋଗ ପରେ ଅବକାରୀ ବିଭାଗ ଓ ରେଳବାଇ ପୋଲିସ ସ୍ଥାନୀୟ ପୋଲିସର ସହାୟତାରେ ମିଳିତ ଭାବେ ରାତି ୯ଟାରେ ଚଢ଼ଉ କରିଥିଲେ । ତେବେ ଷ୍ଟେସନ୍ ପରିସରରେ ଥିବା ରେଳବାଇ କ୍ୱାର୍ଟର୍ସରୁ ବିପୁଳ ମଦ ଜବତ ହୋଇଥିବା ବେଳେ ସଂପୃକ୍ତ ବ୍ୟବସାୟୀ ଜଣକ ଫେରାର୍ ମାରିଥିବା ଜଣାପଡ଼ିଛି । ଏହି ଚଢ଼ଉରେରେ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରାଯାଇଥିବା ଅବକାରୀ ବିଭାଗ ଏସ୍‌ଆଇ ପ୍ରବୀଣ ସାହୁ ସୂଚନା ଦେଇଛନ୍ତି । କିଏ ଏହି କାରବାର ଚଳାଉଥିଲା ଏବଂ କେଉଁଭାବେ ରେଳବାଇ କ୍ୱାର୍ଟର୍ସରେ ମଦ ରଖି ବ୍ୟବସାୟ କରୁଥିଲା ସେନେଇ ତଦନ୍ତ କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି । ଏହି ଚଢ଼ଉରେ କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରା, ରେଳବାଇ ପୋଲିସ, ଜିଆର୍‌ପି କର୍ମଚାରୀ ପ୍ରମୁଖ ସାମିଲ୍ ଥିଲେ ।

# ସମ୍ବଲପୁରରେ ସ୍ୱଚ୍ଛତା ଅଭିଯାନର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁରକୁ ସ୍ୱଚ୍ଛ ରଖିବାକୁ ହେଲେ ଆମ ସମସ୍ତଙ୍କୁ ବ୍ୟକ୍ତିଗତ ସ୍ତରରେ ଦାୟିତ୍ୱ ନେବାକୁ ପଡିବ । ନିଜକୁ ପରିବର୍ତ୍ତନ ନକଲେ, ସ୍ୱଚ୍ଛତା ପ୍ରତି ନିଜର ଦାୟିତ୍ୱବୋଧ ନରହିଲେ ସମ୍ବଲପୁର ସ୍ୱଚ୍ଛ ହେବନାହିଁ । ଦଳ, ମତ, ସଂଗଠନ ଓ ବିଚାରରୁ ଊର୍ଦ୍ଧ୍ୱରେ ରହି ସମସ୍ତଙ୍କୁ ଏଥିପାଇଁ ଆମ ସମସ୍ତଙ୍କୁ କାମ କରିବାକୁ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ନିଜ ସଂସଦୀୟ କ୍ଷେତ୍ର ସମ୍ବଲପୁର ମହାନଗର ଅଞ୍ଚଳରେ ସ୍ୱଚ୍ଛତା ଅଭିଯାନ "ଜନ ଭାଗିଦାରୀ ଦ୍ୱାରା ସ୍ୱଚ୍ଛତା"ର ଶୁଭାରମ୍ଭ କରିବା ସହ ସଫେଇ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ କେନ୍ଦ୍ରମନ୍ତ୍ରୀ । ପତାକା ଦେଖାଇ ସମ୍ବଲପୁର ମହାନଗର ନିଗମର ସ୍ୱଚ୍ଛତା ଗାଡ଼ିର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସେ କହିଛନ୍ତି ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ ଦେଶର ପ୍ରଗତିରେ 'ସ୍ୱଚ୍ଛତା'କୁ ଏକ ମାଧ୍ୟମ କରିଥିଲେ । ସେହି ସ୍ୱଚ୍ଛତା ଅଭିଯାନକୁ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନଆନ୍ଦୋଳନରେ ପରିଣତ କରିଛନ୍ତି । ସମ୍ବଲପୁରରେ ସ୍ୱଚ୍ଛ ସମାଜସେବୀ ତିଆରି ହୋଇପାରିଲେ ହିଁ ଆମର ସ୍ୱଚ୍ଛ ସମ୍ବଲପୁରର ସ୍ୱପ୍ନ ପୂରଣ ହୋଇପାରିବ । ନିଜକୁ ଫିଟ୍ ରଖିବା ପାଇଁ ଯେଉଁଭଳି ଶାରୀରିକ ବ୍ୟାୟାମ କିମ୍ବା ଅନ୍ୟ ପ୍ରୟୋଗ ଆପଣାଇଛେ, ସେହି ସମୟରେ ସ୍ୱଚ୍ଛତାକୁ ମଧ୍ୟ ସମସ୍ତେ ଆପଣାଇବା ଦରକାର । ସହରର ବିଭିନ୍ନ ପଡ଼ା, ଗଳି ଓ ରାସ୍ତାରେ ବ୍ୟବସ୍ଥିତ ଭାବରେ ଆମେ ସମସ୍ତେ ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ୍ ଭାବେ ରଖିବା ଦରକାର । ଆମ ସମ୍ବଲପୁର ସ୍ୱଚ୍ଛ ସମ୍ବଲପୁର ନାରାକୁ ସଫଳ କରିବା ଦରକାର । ସ୍ୱଚ୍ଛ ସମ୍ବଲପୁର ଲକ୍ଷ୍ୟରେ ଆଗାମୀ ଦିନରେ ପ୍ରାୟ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସହରରେ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ଲାଣ୍ଟ୍ କରିବା ନେଇ ମଧ୍ୟ ମୋଦୀ ସରକାର ଯୋଜନା କରିଛନ୍ତି । ସ୍ୱଚ୍ଛତା ରକ୍ଷା ଦିଗରେ ସାମୂହିକ ଉଦ୍ୟମ ଲୋଡ଼ା ରହିଛି । ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରେ ସ୍ୱଚ୍ଛତାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ପାଇଁ ସଂକଳ୍ପ ନେବା ଏବଂ ଆମ ସହର ଓ ଆଖପାଖ ଅଞ୍ଚଳକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା । ଗାନ୍ଧିଜୀଙ୍କ ସ୍ୱଚ୍ଛ ଭାରତ ସ୍ୱପ୍ନକୁ ପୂରା କରିବା ପାଇଁ ସଂକଳ୍ପ ନେବା । ସ୍ୱଚ୍ଛ ରଖୁଥିବା ସାଥୀମାନଙ୍କୁ ଉତ୍ସାହିତ କରିବା ଓ ନିରୋଗ ଜୀବନ ପାଇଁ ସ୍ୱଚ୍ଛତାକୁ ଆପଣାଇବା ବୋଲି ସେ କହିଛନ୍ତି । ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଆରକ୍ଷୀ ମହାନିରୀକ୍ଷକ ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର୍ ବଳିରାମ ବୋନ୍ଦର, ମହାନଗର ନିଗମ ପୌରାଧ୍ୟକ୍ଷ ବେଦ ଭୂଷଣ ଭୋଇ, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୋ, ଗିରିଶ ପଟେଲ୍, ସିମାଞ୍ଚଲ୍ ଖଟେଇ, ଡ. ପ୍ରମୋଦ ରଥ, ଗୋବିନ୍ଦ ଅଗ୍ରୱାଲା, ମାନସ ରଞ୍ଜନ ବକ୍ସି, ସମୀର ରଞ୍ଜନ ବାବୁ, ଦାମୋଦର କର, ସୁଶାନ୍ତ ପୁରୋହିତ, ରାମଦାସ ପଣ୍ଡା, ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ସଦସ୍ୟା ସାମିଲ୍ ହୋଇଥିଲେ ।

## ମୟୂରଭଞ୍ଜ ସିଟିଜେନ୍ ଫୋରମ୍‌ର ଆଲୋଚନା ଚକ୍ର

# ମହାରାଜା ଶ୍ରୀରାମଚନ୍ଦ୍ର ମୟୂରଭଞ୍ଜରେ ସ୍ୱର୍ଣ୍ଣ ଯୁଗର ପ୍ରବର୍ତ୍ତକ ଥିଲେ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୧୩ତମ ଶ୍ରାଦ୍ଧ ଦିବସ ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ପକ୍ଷରୁ ପାଳିତ ହୋଇଯାଇଛି । ସକାଳେ ମଧୁବନ ସ୍ଥିତ ସ୍ମୃତିପୀଠରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ପରେ ବେଲଗଡିଆ ପ୍ୟାଲେସ୍ ଠାରେ ଫୋରମ୍‌ର ସଭାପତି ତଥା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀଙ୍କ ଭଞ୍ଜଦେଓଙ୍କ ପୌରୋହିତ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଫୋରମ୍‌ର ସମ୍ପାଦକ ବିଭୁଦତ୍ତ ଦାସ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ, ମଞ୍ଚାସୀନ ଫୋରମ୍‌ର ପୃଷ୍ଠ ପୋଷକ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ମୟୂରଭଞ୍ଜ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି କର୍ଣ୍ଣେଲ ଡ. ଅଶୋକ ଦାସ ପ୍ରମୁଖ ଯୋଗଦେଇ ମହାରାଜା ଶ୍ରୀରାମଚନ୍ଦ୍ର ମୟୂରଭଞ୍ଜରେ ସ୍ୱର୍ଣ୍ଣ ଯୁଗର ପ୍ରବର୍ତ୍ତକ ଥିଲେ । ସେ କେବଳ ନିଜ ରାଜ୍ୟ ନୁହେଁ ସମଗ୍ର ଉତ୍କଳର ବିକାଶ ପାଇଁ କରିଯାଇଥିବା କାର୍ଯ୍ୟ ପାଇଁ ଅବିସ୍ମରଣୀୟ ହୋଇ ରହିଛନ୍ତି ବୋଲି କହିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ସୈନିକ ମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଦୀପକ କୁମାର ନାୟକ, ରାକେଶ ସିଂ, ସଞ୍ଜୁକ୍ତା ବସା, ଦେବାଶୀଷ ପାତ୍ର, ଅନୀଲ ସିଂ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ମହାରାଜାଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ, ସୁକାନ୍ତ ଜୀଉ ଓ କ୍ଷୀରୋଦ ମହାନ୍ତଙ୍କ ସହିତ ରାଜପ୍ରସାଦର କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଖେଳଣା ବନ୍ଧୁକ ଦେଖାଇ ଯାତ୍ରୀଙ୍କୁ ଲୁଟ୍:୩ ଗିରଫ




**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଗାଡ଼ିରେ ଲିଫ୍ଟ ଦେଇ ରାସ୍ତାରେ ଖେଳଣା ବନ୍ଧୁକ ଦେଖାଇ ଭୟଭୀତ କରି ଜଣେ ଯାତ୍ରୀଙ୍କୁ ଲୁଟ୍ କରିବା ଘଟଣାରେ ଚୌଦ୍ୱାର ପୋଲିସ ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ଗ୍ରାମର ତ୍ରିଲୋଚନ ସାମନ୍ତରାୟ, ଆଦିତ୍ୟ କୁମାର ବେହେରା ଓ ସୁନ୍ଦରଗଡ ହସ୍ପିଟାଲ୍ ଛକର ଶିବ ପ୍ରସାଦ ଦାସ । ସେମାନଙ୍କ ନିକଟରୁ ଲୁଟ୍‌ରେ ବ୍ୟବହାର ହୋଇଥିବା ଏକ ଧଳା ହୋଣ୍ଡା ଆମାଜେ କାର୍, ଏକ ଖେଳନା ବନ୍ଧୁକ, ଲୁଟ୍ ହୋଇଥିବା କିଛି ଡକ୍ୟୁମେଣ୍ଟ, ଆଧାରକାର୍ଡ ଓ ୫ଟି ମୋବାଇଲ୍ ଫୋନ୍ ପୋଲିସ ଜବତ କରିଛି । ସୂଚନା ଅନୁଯାୟୀ କେନ୍ଦ୍ରାପଡା ଡିଇଓ ଅଫିସରେ କିରାଣୀ ଭାବେ କାର୍ଯ୍ୟ କରୁଥିବା ତଥା କଟକ ସିଡିଏ ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡା ଜିଲ୍ଲା ସଣପଲେଇ ଗ୍ରାମର ମାନସ ରଞ୍ଜନ ଧଳ ଗତ ମାସ ୨୯ ତାରିଖ ସନ୍ଧ୍ୟାରେ କଟକ ଫେରିବା ପାଇଁ ବସ୍‌କୁ ଅପେକ୍ଷା କରିଥିବା ବେଳେ ଦୁହୁରିଆ ଛକ ନିକଟରେ ଅଭିଯୁକ୍ତ ମାନେ ଏକ କାର୍‌ରେ ଆସି ମାନସକୁ କଟକରେ ଛାଡି ଦେବା ପାଇଁ କହି ଲିଫ୍ଟ ଦେଇ ନେଇ ଆସିଥିଲେ । ହେଲେ ମାନସଙ୍କୁ କଟକ ନନେଇ ଚୌଦ୍ୱାର ଆଡକୁ ଆଣିବାରୁ ମାନସ ଏହାକୁ ପ୍ରତିବାଦ୍ କରିବାରୁ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ପାଖରେ ଥିବା ନଗଦ ୨୨ ହଜାର ଟଙ୍କା, ଏଟିଏମ୍ କାର୍ଡ ଓ ଅଫିସ କାଗଜପତ୍ର ଥିବା ବ୍ୟାଗ୍‌କୁ ଛଡାଇ ନେଇ ତାଙ୍କୁ ଚୌଦ୍ୱାର ଓଟିଏମ୍ ବଜାରରେ ଓହ୍ଲାଇ ଦେଇ ଫେରାର୍ ହୋଇଯାଇଥିଲେ । ଏନେଇ ମାନସ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିବାରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲା । ଏସ୍‌ଆଇ ଅବିନାସ ରାଉତ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଫୁଲନଖରାରୁ ଗିରଫ କରିବାରେ ସଫଳ ହୋଇଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ ସୂଚନା ଦେଇଛନ୍ତି । ଅଭିଯୁକ୍ତ ତ୍ରିଲୋଚନ ନାମରେ କେନ୍ଦ୍ରାପଡା ଓ ଭୁବନେଶ୍ୱର ଥାନା ଅଧିନରେ ବିଭିନ୍ନ ଅପରାଧିକ ମାମଲା ଥିବା ବେଳେ ଶିବ ପ୍ରସାଦ ନାମରେ ସୁନ୍ଦରଗଡ ଥାନାରେ ୨ଟି ମାମଲା ଥିବା ପୋଲିସ ସୂଚନା ଦେଇଛି । ଘଟଣାର ଅଧିକ ତଦନ୍ତ ଜାରୀ ରହିଛି ।

# ସୋସିଆଲ୍ ମିଡ଼ିଆ ଅପବ୍ୟବହାର କରି ଦେଢ଼ ବର୍ଷ ପରେ ଯୁବକ ବନ୍ଧା ହେଲେ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ଅଞ୍ଚଳରେ ଏକ ମହିଳାର ଫଟୋକୁ ସୋସିଆଲ୍ ମିଡିଆ ହ୍ୱାଟ୍ସଆପ୍ ଓ ଫେସ୍‌ବୁକ୍‌ରେ ପୋଷ୍ଟ କରି ହଇରାଣ କରୁଥିବାରୁ ଜଣେ ଯୁବକକୁ କ.ନୂଆଗାଁ ପୋଲିସ ଶନିବାର ଜେଲ୍ ହାଜତକୁ ପଠାଇଥିବା ଜଣାପଡ଼ିଛି । ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାରେ ବିଭିନ୍ନ ମାଧ୍ୟମରେ ପ୍ରଶାସନ ଓ ପୋଲିସ ବିଭାଗ ଦୀର୍ଘଦିନ ହେଲା ସଚେତନତା ମୂଳକ ଅଭିଯାନ ଚଳାଇ ଥିଲେ ମଧ୍ୟ ଏପରି ଘଟଣା ଦେଖିବାକୁ ମିଳିଛି । ତେବେ ଘଟଣା କ୍ରମରେ ଗତ ୩/୧୦/୨୩ ତାରିଖରେ ଟିକାବାଲି ଥାନା ଅଞ୍ଚଳର ପ୍ରକାଶ ନାୟକଙ୍କ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଅଠେଇଶି ବର୍ଷର ପୁଅ ରାଜେନ୍ଦ୍ର ନାୟକ ଜନୈକ ଝିଅର ଆପତ୍ତି ଜନକ ଫଟୋ ମୋବାଇଲ୍‌ରେ ପୋଷ୍ଟ କରିଥିବାରୁ ଝିଅ ଘର ପରିବାର ପକ୍ଷରୁ କ.ନୂଆଗାଁ ଥାନାରେ ଏତଲା ଦାଏର କରିଥିଲେ । ଏତଲାକୁ ଭିତ୍ତି କରି ତତ୍କାଳୀନ ଥାନା ଅଧିକାରୀ କୁମର ମୁଦୁଲି ତଦନ୍ତ ଭାର ଗ୍ରହଣ କରି ଏ ସକ୍ରାନ୍ତରେ ଥାନାରେ ଧାରା ୪୫୨,୨୯୪,୩୪, ଆଇପିସି ସହିତ ୬୭-ଏରେ କେଶ୍ ନଂ ୧୩୪/୨୩ ଏକ ମାମଲା ରୁଜୁ କରି ଆସାମୀକୁ ଗିରଫ କରିବା ପାଇଁ ଅନୁସନ୍ଧାନ ଜାରି ରଖିଥିଲେ । ତେବେ ପୋଲିସ ତଦନ୍ତରେ ଉକ୍ତ ଅବୈଧ କାର୍ଯ୍ୟରେ ସଂପୃକ୍ତ ରହିଥିବା ଅନ୍ୟମାନଙ୍କୁ ମଧ୍ୟ ଖୋଜୁଥିବା ବେଳେ ମୁଖ୍ୟ ଆସାମୀ ଡ୍ରାଇଭର ରାଜେନ୍ଦ୍ର ନାୟକକୁ ଏବେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅଶୋକ କୁମାର ହାଂସଦା ପ୍ରକାଶ କରିଛନ୍ତି ।

# ରାଜସ୍ୱ ମନ୍ତ୍ରୀଙ୍କ ହସ୍ତକ୍ଷେପରେ ୨୯ ବାସହୀନ ପରିବାର ପାଇଲେ ଜାଗା



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ପଥରା ଗ୍ରାମର ଗରିବ ରେଭେନ୍ୟୁ ବାସହୀନ ପରିବାର ପ୍ରାୟ ୨୯ ଜଣ ବେସାହାରା ହୋଇ ବିଧାୟକ ଖଲ୍ଲିକୋଟ, ରେଭେନ୍ୟୁ ମିନିଷ୍ଟର ବିଜେପି ଦଳିତ ନେତା ଭୀମସେନ ବେହେରା ଓ ବିଜେପି ନେତ୍ରୀ ବିଜୟଲକ୍ଷ୍ମୀ ବାଲା ସହାୟତାରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଚିଠି ନଂ ୨୦୯/୨୦୨୫ ପ୍ରକାରେ ସଚିବାଳୟରୁ ଖଲ୍ଲିକୋଟ ତହସିଲକୁ ଆଦେଶ ଦେଇଥିଲେ । ସେହି ପ୍ରକାରେ ରେଭେନ୍ୟୁ ଅଧିକାରୀ ସରକାରୀ ଜମି (୬୦୦,୬୦୧) ଓ ୬୦୦/୧୫୫୩ ମୌଜା ଓଡ଼ିଆ ଆଳପୁର୍ତ୍ତ) ଦେଖାଇଥିଲେ କିନ୍ତୁ କହିଲେ କିସମ ବଦଳାଇବା ହେବ ବର୍ତ୍ତମାନ କୁଡିଆ କରି ରହିଲେ ସରକାର ବାସଗୃହ ରୂପେ ଯୋଗାଇ ଦେବ । ସେଥିପାଇଁ ବହୁ ଦିନର ଅନ୍ତ ଘଟି ଘର ଢ଼ିଅ ପାଇବାର ଆଶା ଉଜ୍ଜୀବିତ ହେବାରୁ ରେଭେନ୍ୟୁ ମନ୍ତ୍ରୀ ଓ ମୋହନ ମାଝୀ ସରକାରଙ୍କୁ ଭୂରି ଭୂରି ପ୍ରଶଂସା କରିଛନ୍ତି । ଜାଗା ଚିହ୍ନଟ ବେଳେ ଏହି ସ୍ଥାନରେ ବାସହୀନ ପରିବାର ଉପସ୍ଥିତ ଥିଲେ । ସେମାନେ ହେଲେ ନର୍ମଦା ଯାଲୀ, ନମିତା ବାଲା, ପ୍ରଜିତା ବାଲା, ସଞ୍ଜୁ ସୁବୁଦ୍ଧି, ସତ୍ୟଭାମା ମହାରଣା, ଲକ୍ଷ୍ମୀ ବେହେରା, ଶଶି ଯାଲି, ପ୍ରମିଳା ବେହେରା, ଅଛୁଅଣି ବେହେରା, କବିତା ବେହେରା, ଲକ୍ଷ୍ମୀ ଦାସ, ତୁଳସା ପ୍ରଧାନ, ମହରଗି ବେଜ ପ୍ରମୁଖ ସମସ୍ତ ବାସହୀନ ପରିବାର ଉପସ୍ଥିତ ଥିଲେ ।



# କାର୍ ଚୋରି ଉଦ୍ୟମ ପଣ୍ଡ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ଉମରକୋଟ ସହରରେ ଦିନ ଦ୍ୱିପହରରେ ଚୋରି ଉଦ୍ୟମ ପଣ୍ଡ ହୋଇଯାଇଛି । ଘଟଣା ଘଟିଛି ଉମରକୋଟ ସହରର ଗୁଲିପାଟଣା ସାହିର ସୁବାସ ସ୍ୱାଇଁ କଲୋନୀ ପଛ ସାହିରେ । ଦିନ ପ୍ରାୟ ଟା ବେଳେ ଜଣେ ଅପରିଚିତ ବ୍ୟକ୍ତି ରାଘବ ସ୍ୱାଇଁଙ୍କ ଇୟନ କାର୍‌ର ଡୋର୍ ଭାଙ୍ଗି କାର୍ ଭିତରେ ପ୍ରବେଶ କରିବା ସମୟରେ ଡୋର୍ ଭାଙ୍ଗିବା ଶବ୍ଦ ଶୁଣି ରାଘବ ସ୍ୱାଇଁ ଘରର ପରିବାର ଲୋକେ ବାହାରକୁ ଆସି ଦେଖିବା ବେଳକୁ ଚୋର କାର୍ ବାହାରକୁ ଆସି ଲୁଚିବା ପାଇଁ ଉଦ୍ୟମ କରିବା ବେଳେ ସାହିର ଅନ୍ୟ ଲୋକମାନେ କାବୁ କରି, ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏଙ୍କୁ ମୋବାଇଲ୍ ମାଧ୍ୟମରେ ଜଣାଇଥିଲେ । ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସବ୍‌ଇନ୍ସପେକ୍ଟର ସିବଜି ପଣ୍ଡା ଘଟଣାସ୍ଥଳରେ ପହଞ୍ଚି କାର୍ ଚୋରକୁ ଗିରଫ କରିଥିଲେ । ତେବେ ଚୋର ଘର ଝାଡ଼ଖଣ୍ଡ ବୋଲି କହୁଥିବା ବେଳେ ପୋଲିସ ତଦନ୍ତ କରିବା ପରେ ହିଁ ଜଣାପଡିବ । ତେବେ ଦିନ ସମୟରେ କାର୍ ଚୋରି ଉଦ୍ୟମକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ତେବେ ଚୋରି ପୂର୍ବରୁ ଚୋର ସ୍ଥାନୀୟ ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବେ ରେକି କରିଛି । ଚୋରି ଉଦ୍ୟମ ବେଳର ସମସ୍ତ ଦୃଶ୍ୟ କାର୍ ମାଲିକ ରାଘବ ସ୍ୱାଇଁଙ୍କ ଘରେ ବାହାରେ ଲାଗିଥିବା ସିସି କ୍ୟାମେରାରେ ରେକର୍ଡିଂ ହେଇଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**


| | | |
|---|---|---|
| ୪ରା / ୫କ | ୩ | ଶୁରା୨ / ରବୁଶ୍ମ |
| ୬ | ୨ ୧ / ୧୦ | ଚ ୧ ୨ |
| ୭ / ୮କେ | ୯ | ୧୧ / ୧୦ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୨୫।୨।୨୦୨୫, ଫାଲ୍ଗୁନ ଦି୧୪ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୧୦।୧୨** **ଚନ୍ଦ୍ରୋଦୟ- ନିଘ ୪।୫୦।୧୧**


**ଦ୍ୱାଦଶୀ-** ଦିଘ ୧୨।୪୮ ପର୍ଯ୍ୟନ୍ତ । **ଉତ୍ତରାଷାଢ଼ା ନକ୍ଷତ୍ର-** ସଂଘ ୬।୩୦ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ ୧୨।୪୮ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୦୭ ଗତେ ଘ ୧୦।୫୦ ମଧ୍ୟେ, ଦିଘ ୧।୦୯ ଗତେ ଘ ୧।୨୬ ମଧ୍ୟେ ।




**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ । ଲକ୍ଷ୍ୟସ୍ଥଳରେ ବିଳମ୍ବରେ ପହଞ୍ଚିବେ । ରୋଜଗାର ଭଲ ହେବ । ପାରିବାରିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବାର ସୂଚନା ।



**ବୃଷ:** ମାଙ୍ଗଳିକ କାର୍ଯ୍ୟ କରିପାରନ୍ତି । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ନୂତନ ବନ୍ଧୁଙ୍କ ସହ ଭେଟ ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ ।



**ମିଥୁନ:** ଯଶସ୍ୱୀ ହେବେ । ସମସ୍ତ କ୍ଷେତ୍ରରେ ବିଜୟୀ ହେବେ । ପାରିବାରିକ ଜୀବନ ସୁଖ ସନ୍ତୋଷ ଭିତରେ ଅତିବାହିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ଶରୀର ସୁସ୍ଥ ରହିବ ।



**କର୍କଟ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଦେହ ଓ ମନ ଭଲ ରହିବ । ରୋଜଗାରରେ ଉନ୍ନତି ଦେଖାଦେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଧର୍ମ କାର୍ଯ୍ୟ କରିପାରନ୍ତି ।




**ସିଂହ:** ସତ୍ ମାର୍ଗରେ ପରିଚାଳିତ ହୋଇପାରନ୍ତି । ଆୟର ପରିମାଣ ବୃଦ୍ଧି ପାଇବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ । କୁଭୋଜନ କରିପାରନ୍ତି ।




**କନ୍ୟା:** ଯଶଖ୍ୟାତି ଲାଭ କରିବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ଆନନ୍ଦମୟ ହେବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ ।



**ତୁଳା:** ସମସ୍ତ କ୍ଷେତ୍ରରେ ପ୍ରଶଂସିତ ହେବେ । ଶତ୍ରୁ ଆପଣଙ୍କର ନାଶ ହେବେ । ପରୋପକାରୀ ହେବେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।




**ବିଛା:** ବ୍ୟବସାୟରେ ଲାଭବାନ୍ ହେବେ । ମାନସିକ ଶାନ୍ତି ଅବ୍ୟାହତ ରହିବ । ଆୟ ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ ।



**ଧନୁ:** ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଆନନ୍ଦ ଦେଖାଦେବାର ସୂଚନା ।



**ମକର:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଆୟର ପରିମାଣ ବଢ଼ିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।



**କୁମ୍ଭ:** ଶତ୍ରୁ ପରାସ୍ତ ହେବେ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଶୁଭଫଳ ପ୍ରାପ୍ତ ହେବ । ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ ।



**ମୀନ:** କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ । କଚେରି ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ । ରୋଜଗାର ଭଲ ହେବ । ଘରେ ସୁଖ ଶାନ୍ତି ରହିବ । ପରୋପକାରୀ ହେବେ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୬।୨।୨୦୨୫, ଫାଲ୍ଗୁନ ଦି୧୫ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୬।୦୯।୩୦** **ଚନ୍ଦ୍ରୋଦୟ- ନିଘ ୫।୩୪।୧୩**

**ତ୍ରୟୋଦଶୀ-** ଦିଘ ୧୧।୦୯ ପର୍ଯ୍ୟନ୍ତ । **ଶ୍ରବଣା ନକ୍ଷତ୍ର-** ସଂଘ ୫।୨୩ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ନିଶାନ୍ତ ଘ ୪।୩୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ନିଘ ୪।୩୬ ଗତେ ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । ନିଘ ୪।୩୬ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୧୧।୦୯ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୨ ଗତେ ଘ ୭।୪୫ ମଧ୍ୟେ, ଦିଘ ୧।୫୫ ଗତେ ଘ ୫।୦୧ ମଧ୍ୟେ । **ପର୍ବୋତ୍ସବ-** ସ୍ମାର୍ତ୍ତ ସମ୍ମତ ମହାଶିବରାତ୍ରି, ପ୍ରୟାଗରେ ଅନ୍ତିମ ସାହିସ୍ନାନ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ରହିବ

ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ସପ୍ତମ ଥର ପାଇଁ ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ପକ୍ଷରୁ ଋଣ ସୁଧ ହାର କିମ୍ବା ମାସିକ କିସ୍ତି (ଇଏମଆଇ) ପରିଶୋଧ ରାଶି ବୃଦ୍ଧି ଯୋଜନା ନାହିଁ। ଆରମ୍ଭ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ଦ୍ୱିମାସିକ ମୁଦ୍ରା ନୀତି କମିଟି ବୈଠକର ନିଷ୍ପତ୍ତି ସଂପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଘୋଷଣା କରିଛନ୍ତି। ଶକ୍ତିକାନ୍ତ କହିଛନ୍ତି ଦେଶରେ ମୁଦ୍ରାସ୍ଫୀତିରେ ଦେଖାଦେଇ ଆସୁଥିବା ବୃଦ୍ଧି ଧାରା ଏବେ ବନ୍ଦ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ଏବଂ ବାସ୍ତବ ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ରେପୋ ହାର ହେଉଛି ସେହି ହାର ଯେଉଁଥିରେ ରିଜର୍ଭ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ କରିଥାଏ। ଏହା ବଢ଼ିଲେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କଠାରୁ ଋଣ ଉପରେ ଅଧିକ ସୁଧ ହାର ଆଦାୟ କରିଥାନ୍ତି ଏବଂ କମିଲେ ସୁଧ ହାର କମାଇଥାନ୍ତି। ମୁଦ୍ରାନୀତି କମିଟିର ୬ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଏହାକୁ ଅପରିବର୍ତ୍ତିତ ରଖିବାକୁ ମତ ଦେଇଥିବାବେଳେ ଜଣେ ପରିବର୍ତ୍ତନ ପାଇଁ କହିଥିଲେ। ମୁଦ୍ରାନୀତି ରିପୋର୍ଟ ଘୋଷଣା କରିବା ଅବସରରେ ଶକ୍ତିକାନ୍ତ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସର ଜିଡିପି ଅଭିବୃଦ୍ଧି ୭.୧ ପ୍ରତିଶତ, ଦ୍ୱିତୀୟ ତ୍ରୟମାସରେ ୬.୯ ପ୍ରତିଶତ ଏବଂ ତୃତୀୟ ଓ ଚତୁର୍ଥ ତ୍ରୟମାସରେ ୭ ପ୍ରତିଶତ ଲେଖାଏଁ ରହିବ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ମୋବାଇଲ ଆପ୍ ଉନ୍ମୋଚନ ସଂପର୍କରେ ଘୋଷଣା କରାଯାଇଛି। ଏହି ଆପ୍ ଜରିଆରେ ଖୁଚୁରା ନିବେଶକମାନେ ସରକାରୀ ବଣ୍ଡ୍ରେ ସହଜରେ ନିବେଶ ସୁବିଧା ପାଇବେ। ଖୁବ୍‌ଶୀଘ୍ର ଏହି ଆପ୍ ଉପଲବ୍ଧ ହେବ। ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ୬୪୫.୬ ବିଲିଅନ ଡଲାରରେ ପହଞ୍ଚିଥିବା ଶକ୍ତିକାନ୍ତ ଘୋଷଣା କରିଛନ୍ତି। ଇଣ୍ଟରନ୍ୟାସନାଲ ଫାଇନାନ୍ସିଆଲ ସର୍ଭିସେସ ସେଣ୍ଟର (ଆଇଏଫଏସ୍ସି)ରେ ସଭରେନ୍ ଗ୍ରିନ ବଣ୍ଡ୍ କାରବାରକୁ ଅନୁମତି ଦିଆଯିବ। ଏହା ବ୍ୟତୀତ, ଆଜି ରିଜର୍ଭ ବ୍ୟାଙ୍କ ପକ୍ଷରୁ ନୂଆ ୱେବସାଇଟ୍ ଏବଂ ଏକ ମୋବାଇଲ ଆପ୍ ଆରମ୍ଭ କରାଯାଇଛି। ତେବେ ବର୍ତ୍ତମାନ କିଛିଦିନ ପାଇଁ ପୁରୁଣା ୱେବସାଇଟ୍ ଉପଲବ୍ଧ ହେବ। ଗୁଗୁଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ର ଆଇଓଏସରୁ ଏହାକୁ ଡାଉନଲୋଡ କରାଯାଇପାରିବ। ଶକ୍ତିକାନ୍ତ ଦାସ ଏବଂ ନୂଆ ୱେବସାଇଟ୍ ଏବଂ ଆପ୍ ଉନ୍ମୋଚନ କରିଛନ୍ତି। ବ୍ୟାଙ୍କ ଓ ଆର୍ଥିକ ସେବା କମ୍ପାନିଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ଚେତାବନୀ ଦେଇଛନ୍ତି। କାରବାର ସମୟରେ ନିୟମକୁ ଠିକ୍ ଭାବେ ପାଳନ କରିବାକୁ କହିଛନ୍ତି। ସେ ତାଙ୍କୁ ମନେ ପକାଇ ଦେଇଛନ୍ତି ଯେ ସବୁ କିଛି ହେଉଛି ଲୋକମାନଙ୍କ ଟଙ୍କା। ସେକଥା କେବେ ଭୁଲିବ ନାହିଁ। ତେଣୁ ସବୁ ନିୟମକୁ ପାଳନ କରି କର୍ପୋରେଟ ଗଭର୍ଣ୍ଣାନ୍ସକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ବ୍ୟାଙ୍କଗୁଡ଼ିକୁ କହିଛନ୍ତି। ନିୟମ ପାଳନ କରିବାରେ ଅବହେଳା କରୁଥିବା ସଂସ୍ଥାଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରିଜର୍ଭ ବ୍ୟାଙ୍କ ପଛାଉନାହିଁ। ନିକଟରେ ଏହା ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କ ଉପରେ କଠୋର କଟକଣା ଲଗାଇ ଏହାକୁ ଜମା ଓ ଅଗ୍ରିମ କାରବାର ବନ୍ଦ କରିବାକୁ କହିଥିଲା। ସେହିପରି ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲିମିଟେଡକୁ ସୁନା ଋଣ କାରବାର ବନ୍ଦ କରିବା ଏବଂ ଜେଏମ୍ ଫାଇନାନ୍ସିଆଲ୍ ପ୍ରଡକ୍ଟସ୍ ଲିମିଟେଡକୁ ସେୟାର ବନ୍ଧକ ରଖି ଋଣ ଦେବାକୁ ମନା କରିଥିଲା। ୨୦୨୦ ଡିସେମ୍ବରରେ ଏଚଡିଏଫସି ବ୍ୟାଙ୍କକୁ ନୂଆ କ୍ରେଡିଟ୍ କାର୍ଡ ଗ୍ରାହକ ଗ୍ରହଣ କରିବାକୁ ମନା କରାଯାଇଥିଲା। ରେଟିଂ ଏଜେନ୍ସି ଏସ୍‌ଆଣ୍ଡପି ମତରେ ନିୟମ ପାଳନରେ ଅବହେଳା ପ୍ରତି ରିଜର୍ଭ ବ୍ୟାଙ୍କ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ବିଶେଷ କରି ନୋ ୟୋର କଷ୍ଟମର (କେୱାଇସି), ତଥ୍ୟ ସୁରକ୍ଷା, ମନି ଲଣ୍ଡରିଂ ପ୍ରସଙ୍ଗକୁ ଏହା ଗମ୍ଭୀରତା ସହ ନେଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)


ଶ୍ରୀ ଅଭିରାମ ସରସ୍ୱତୀ

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାୟସ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)
(କ୍ରମଶଃ)

# ମହାଶିବରାତ୍ରି

ପ୍ରସନ୍ନ କୁମାର ପାଇକରାୟ
ରାଜ୍ୟ ସମ୍ପାଦକ
ଓଡ଼ିଶା ସାମ୍ବାଦିକ ସଙ୍ଘ,
ମୋ-୭୦୦୮୯୩୬୩୭୩



ମାଘ ମାସ ଶେଷରେ ଫାଲଗୁନ୍ ମାସର ପ୍ରଥମ କୃଷ୍ଣ ପକ୍ଷର ଯେଉଁ ଚତୁର୍ଦ୍ଦଶୀ ତାକୁ ଶିବରାତ୍ରି କୁହାଯାଏ ବା ଫାଲଗୁନ୍ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିକୁ ଆଶ୍ରୟ କରି ଯେଉଁ ଅନ୍ଧକାରମୟୀ ରାତ୍ରୀ ଉପସ୍ଥିତ ହୁଏ ତାହା ହିଁ ଶିବରାତ୍ରି ରୂପେ ପରିଚିତ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଦ୍ୱାପରଯୁଗ ଏବଂ କଳିଯୁଗକୁ ରାତ୍ରି ଅଥବା କୃଷ୍ଣ ପକ୍ଷ କୁହାଯାଏ । ଏହି ରାତ୍ରିକୁ ଶିବରାତ୍ରି ବା ଶିବମୟାମ୍ବିକା ରାତି ବୋଲି କୁହାଯାଏ । ଇଶାନ୍ ସଂହିତାର ବର୍ଣ୍ଣନାରୁ ଜଣାଯାଏ ଯେ, ଏହି ରାତ୍ରିରେ ଆଶୁତୋଷ ଲିଙ୍ଗ ମୂର୍ତ୍ତି ଭାବରେ ପୃଥିବୀ ପୃଷ୍ଠରେ ଆବିର୍ଭାବ ହୋଇଥିଲେ । ଚତୁର୍ଦ୍ଦଶୀରେ ଜ୍ୟୋତିର୍ଲିଙ୍ଗ ରୂପେ ପ୍ରକାଶିତ ହୋଇଥିବାରୁ ଏହି ଦିନଟିକୁ ତାଙ୍କର ଜନ୍ମ ଦିବସ ରୂପେ ପାଳନ କରାଯାଏ। ଶିବ ହେଲେ ହିନ୍ଦୁ ଧର୍ମର ପ୍ରମୁଖ ଦେବତା, ଶିବଙ୍କ ଜନ୍ମ ଦିନକୁ ଆମେ ଶିବରାତ୍ରି ରୂପେ ପାଳନ କରୁ । ଶିବରାତ୍ରିକୁ ମହାସମାରୋହରେ ପାଳନ କରାଯାଏ ବୋଲି ଏହା ମହାଶିବରାତ୍ରି ନାମେ ଖ୍ୟାତି । ରାତ୍ରି ଉଜାଗର ଏବଂ ପ୍ରଦୀପ ଜ୍ୱଳନ ପୂର୍ବକ ଏହି ଶିବରାତ୍ରିଟି ପାଳନ କରାଯାଉଥିବାରୁ ଏହାକୁ ଜାଗର ବୋଲି ନାମିତ କରାଯାଇଛି । ଜାଗରଯାତ୍ରା ଓଡ଼ିଶାର ଗଣପର୍ବ । ଶିବ ଶାନ୍ତି ଓ ମୁକ୍ତିର ଦେବତା । ଭଗବାନ ଆଶୁତୋଷ ଶିବଶଙ୍କରଙ୍କର ପର୍ବ ବା ବ୍ରତମାନଙ୍କ ମଧ୍ୟରେ ଶିବରାତ୍ରି ବ୍ରତ ଶ୍ରେଷ୍ଠ ବୋଲି କୁହାଯାଇଅଛି । ଶିବ ପୁରାଣରେ ଦକ୍ଷଯଜ୍ଞ ପ୍ରସଙ୍ଗ ଓ ସତୀଙ୍କ ଶରୀର ବିଷୟରେ ବର୍ଣ୍ଣନା କରାଯାଇଛି। ତପ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି ଉପାସନା ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି । ଏହାକୁ ଶିବଧର୍ମ କୁହାଯାଇଥାଏ । ଶିବ ପୁରାଣ ଅନୁଯାୟୀ ଭକ୍ତିର ତିନୋଟି ସ୍ୱରୂପ ରହିଛି । ମାନସିକ ବା ମନର ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି। ଶିବଙ୍କୁ ଚିନ୍ତନ କରି ମନ ଦ୍ୱାରା ଜପ କରିବା, ବଚନ ଏବଂ ପୂଜା ଶରୀର ଦ୍ୱାରା କରାଯାଇପାରିବ । ବିଷ୍ଣୁ ପୁରାଣ ଓ ବରାହ ପୁରାଣରେ ଶିବ ବିଷ୍ଣୁଙ୍କୁ ଏକତ୍ର ପ୍ରତିପାଦିତ କରାଯାଇଛି । ମତ୍ସ୍ୟପୁରାଣରେ ମଧ୍ୟ ବିଷ୍ଣୁଙ୍କୁ ରୁଦ୍ର ମୂର୍ତ୍ତି ଓ ଶିବଙ୍କୁ ବିଷ୍ଣୁ ରୂପୀନ ଭାବରେ ପରିଚିତ କରାଯାଇଛି। ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଏ । ମହାଦେବ ଆଶୁତୋଷଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧଃସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିବେଷଣ ପ୍ରାପ୍ତ ହୁଏ । ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିଙ୍କୁ ଦୁଃଖ ଏବଂ ଦୁର୍ଗତିରୁ ରକ୍ଷା କରିଥାଏ। ଶିବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରକୃତିମାନଙ୍କ ଭିତରେ ସବୁଠାରୁ ସୁନ୍ଦର, ସତ୍ୟର ଏକ ନଗ୍ନ ପ୍ରତିଛବି। ଜଗତ ପଞ୍ଚଭୂତକୁ ନେଇ ସୃଷ୍ଟି ଏବଂ ପଞ୍ଚଭୂତର ସବୁ ଉପାଦାନ ଶିବଙ୍କଠାରେ ପ୍ରତୀୟମାନ। ଦେବ ଦେବ ମହାଦେବ ଶିବ ହିଁ ଏକମାତ୍ର ଦେବତା ଯିଏ ମହାଯୋଗୀ, ମହାଭୋଗୀ ଓ ମହାତ୍ୟାଗୀ । ଯୋଗରେ ସେ ବିଲୟ ଭୋଗରେ ତନ୍ମୟ ଓ ତ୍ୟାଗରେ ସେ ମହାନ୍ । ଶିବ ପ୍ରକୃତିର ଅନ୍ୟ ଏକ ସ୍ୱରୂପ, ଶ୍ରେଷ୍ଠ ଉପାସକ। ପ୍ରକୃତିର ସେ ତାଣ୍ଡବ ପରିବେଶ ଓ ପରମେଶ୍ୱର । ଯାହାଙ୍କ ଶରୀରରେ ପ୍ରକୃତିର ସମସ୍ତ ପ୍ରକାର ଉପାଦାନ ଶୋଭିତ । ଶିବଙ୍କ ବିନା ଜଗତ ଶବ ବା ସ୍ଥାଣୁ ପାଲଟେ। ଶିବ ହିଁ ସକଳ ସୃଷ୍ଟିର ଆଧାର । ସାରା ସଂସାରରେ ଏକ ମାତ୍ର ତ୍ୟାଗର ପ୍ରତିରୂପ ହିଁ ଶିବ। ଶିବ ବିଶ୍ୱ ବ୍ରହ୍ମାଣ୍ଡ ତଥା ସମ୍ପୂର୍ଣ୍ଣ ଜଗତର କଲ୍ୟାଣକାରୀ ଓ ମଙ୍ଗଳମୟ ପ୍ରତୀକ । ଜଗତର ମଙ୍ଗଳ ନିମନ୍ତେ ମହାନ୍ ତ୍ୟାଗୀ ଶିବ ସମୁଦ୍ର ମନ୍ଥନରୁ ନିର୍ଗତ ହଳାହଳ ଗରଳକୁ ପାନ କରି ସମ୍ପୂର୍ଣ୍ଣ ଜଗତକୁ ଉଦ୍ଧାର କରିଥିଲେ। ବିଷ ପାନରେ ମହାଦେବ ଶିବଙ୍କର କଣ୍ଠ ନୀଳ ହୋଇଗଲା, ତେଣୁ ସେ ନୀଳକଣ୍ଠ ନାମରେ ପରିଚିତ ହେଲେ । ମହାଶିବରାତ୍ରି ହିନ୍ଦୁ ଧର୍ମର ଏକ ପ୍ରମୁଖ ପର୍ବ । ମାନବ ଜୀବନର ଅନ୍ଧକାର ରୂପ ଅଜ୍ଞାନତାକୁ ଦୂର କରିବା ନିମନ୍ତେ ଏହି ପର୍ବ ପାଳନ କରାଯାଏ । ମହାଶିବରାତ୍ରିରେ ଯେଉଁ ମନୁଷ୍ୟ ଉପବାସ କରିବା ସହିତ ଏହି ଦିନ ରାତ୍ରିରେ ଚାରି ପ୍ରହରରେ ଶିବଲିଙ୍ଗଙ୍କୁ ଦୁଗ୍ଧ, ଦଧି ,ଘୃତ ଓ ମଧୁ ଦ୍ୱାରା ସ୍ନାନ କରାଇ ଇଶାନ, ଅଘୋର, ବାମଦେବ ଓ ସଦ୍ୟୋଜାତ ସ୍ୱରୂପରେ ଉପାସନା କରିଥାନ୍ତି ମହାଦେବ ଆଶୁତୋଷ ସନ୍ତୁଷ୍ଟ ହୋଇଥାନ୍ତି । ଶିବରାତ୍ରିରେ ଶିବ ପଞ୍ଚାକ୍ଷର ଓଁ ନମଃ ଶିବାୟଃ ମନ୍ତ୍ର ଜପ କରିବା ଦ୍ୱାରା ଶିବ ଚେତନାର ମଙ୍ଗଳମୟ ପ୍ରଭାବ ଉପଲବ୍ଧ ସହିତ ମନ ପ୍ରାଣ ଶରୀର ପବିତ୍ର ଓ ଆତ୍ମ ଶକ୍ତି ଜାଗ୍ରତ ହୋଇଥାଏ । ଶିବ ଶାନ୍ତି ଓ ମୁକ୍ତିର ଦେବତା । ଶିବ ହେଉଛନ୍ତି ସୃଷ୍ଟି , ସ୍ଥିତି ଓ ପ୍ରଳୟର ଅଧିକାରୀ, ପରଂବ୍ରହ୍ମ ସ୍ୱରୂପ । ସକଳ ଦୁଃଖ - ତାପହାରୀ ଶିବ ହିଁ ସତ୍ୟ ସୁନ୍ଦର । ଶିବ ମୃତ୍ୟୁ ଉପରେ ବିଜୟ ଲାଭ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ । ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର କହିଛନ୍ତି ଶିବ ଶଙ୍କର ଅର୍ଥ ମଙ୍ଗଳ । ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ। ଶିବଙ୍କର ପ୍ରିୟ ହେଉଛି ବେଲପତ୍ର, ଫଳରେ ଧାତୁରା ଏବଂ ଫୁଲରେ ଅର୍କ। ଭଗବାନ ଶିବଙ୍କୁ ତେତିଶି କୋଟି ଦେବୀ ଓ ଦେବତାମାନଙ୍କ ଭିତରେ ପ୍ରମୁଖ ଦେବ ରୂପେ ମନାଯାଏ । ସେଥିପାଇଁ ଶିବଙ୍କୁ ଦେବ ଦେବ ମହାଦେବ କୁହାଯାଏ । ମହାଶିବରାତ୍ରି ବ୍ରତ ପାଳନର ପୌରାଣିକ ଦୃଷ୍ଟିକୋଣରୁ ଜଣାଯାଏ ଜମ୍ବୁଦ୍ୱୀପର ଶାସକ ଇକ୍ଷ୍ୱାକୁ ବଂଶୀୟ ରାଜା ଚିତ୍ରକେତୁ ତାଙ୍କ ପତ୍ନୀଙ୍କ ସହିତ ଶିବରାତ୍ରି ପାଳନ କରିବା ଅବସରରେ ଅଷ୍ଟବକ୍ର ଋଷି ଉପସ୍ଥିତ ହୋଇ ଶିବରାତ୍ରି ବ୍ରତ କାହିଁକି ପାଳନ କରୁଛନ୍ତି ବୋଲି ରାଜାଙ୍କୁ ପ୍ରଶ୍ନ କଲେ । ରାଜା ଚିତ୍ରକେତୁ କହିଲେ, ପୂର୍ବ ଜନ୍ମରେ ମୁଁ ସୁସ୍ୱର ନାମକ ଜଣେ ବ୍ୟାଧ ଥିଲି । ଜଙ୍ଗଲରେ ପଶୁପକ୍ଷୀ ଶିକାର କରି ଜୀବିକା ନିର୍ବାହ କରୁଥିଲି । ଦିନେ ଶିକାର କରୁ କରୁ ଗଭୀର ଅନ୍ଧାର ହୋଇଗଲା । ସେହି ଅନ୍ଧକାର ମୟ ରାତ୍ରିରେ ରାସ୍ତାଘାଟ ଦିଶିଲା ନାହିଁ। ଜଙ୍ଗଲର ରାତ୍ରିଚର ପ୍ରାଣୀଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଏକ ଗଛ ଉପରକୁ ଚଢ଼ିଗଲି । ଉକ୍ତ ଗଛଟି ଥିଲା ଏକ ବେଲଗଛ। ଘରକୁ ନ ଫେରି ଦୁଃଖରେ ସେହି ଗଛ ଉପରେ କାନ୍ଦି କାନ୍ଦି ରାତ୍ରି ବିତାଇଲି । ସକାଳ ହେବାରୁ ଘରକୁ ଫେରିଲି । ଏହାର କିଛି ଦିନ ପରେ ମୋର ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ହେଲା । ମୋର ମୃତ୍ୟୁ ଶରୀରକୁ ଯମଦୂତ ମାନେ ନେଉଥିବା ବେଳେ ଶିବଦୂତ ମାନେ ସେଠାରେ ପହଞ୍ଚି ମୋତେ ଶିବଲୋକ ନେଇଗଲେ । ଏହାର କାରଣ ମୁଁ ସେହି ଅନ୍ଧକାରମୟୀ ଶିବ ଚତୁର୍ଦ୍ଦଶୀର ରାତ୍ରିରେ ବେଲଗଛରେ ରହି ଅଲକ୍ଷ୍ୟରେ ଲୁହ ଢ଼ଳାଇ ଓ ବେଲପତ୍ର ପକାଇ ସେହି ବୃକ୍ଷମୂଳରେ ଥିବା ଏକ ସ୍ୱୟଂମ୍ଭୁ ଲିଙ୍ଗଙ୍କର ଉପାସନା କରିଥିଲି। ଏଣୁ ମୁଁ ଶିବଲୋକ ପ୍ରାପ୍ତ ହେଲି । ମହାଶିବରାତ୍ରିରେ ଶିବ ସାଧନା ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ । ବିଭିନ୍ନ କିମ୍ବଦନ୍ତୀରେ ମହାଶିବରାତ୍ରିର ମହତ୍ତ୍ୱ ରହିଛି । ଶିବଶଙ୍କର ନିରାକାର, ପରମେଶ୍ୱର ଶିବ ମଙ୍ଗଳମୟ । ସମ୍ଭବତଃ ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀଠାରୁ ହିନ୍ଦୁମାନେ ମହାଶିବରାତ୍ରି ପାଳନ ସହ ଜ୍ୟୋତିର୍ଲିଙ୍ଗଙ୍କୁ ଦର୍ଶନ କରିଥାନ୍ତି। ଶିବ ପୂଜନର ମୁଖ୍ୟ ପିଣ୍ଡ ହିଁ ଲିଙ୍ଗ; ଜ୍ୟୋତିର୍ଲିଙ୍ଗ। ଭାରତବର୍ଷରେ ଥିବା ୧୨ ଗୋଟି ପ୍ରମୁଖ ଶିବ ମନ୍ଦିରକୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଆଖ୍ୟା ଦିଆଯାଇଛି । ସେଗୁଡ଼ିକ ହେଲା ଗୁଜୁରାଟର ସୌରାଷ୍ଟ୍ରସ୍ଥିତ – ସୋମନାଥ, ଦାରୁକା ବନରେ -ନାଗେଶ୍ୱର, ତାମିଲନାଡୁ ସେତୁ ବନ୍ଧରେ - ରାମେଶ୍ୱର, ଆନ୍ଧ୍ରପ୍ରଦେଶର ଶ୍ରୀଶୈଳମରେ- ମଲ୍ଲିକାର୍ଜୁନ, ମଧ୍ୟପ୍ରଦେଶର ଉଜ୍ଜୟିନୀରେ - ମହାକାଳେଶ୍ୱର , ବିନ୍ଧ୍ୟାଞ୍ଚଳରେ - ଓଁକାରେଶ୍ୱର, ମହାରାଷ୍ଟ୍ରର ପରେଲୀ ଠାରେ -ବୈଦ୍ୟନାଥ, ଡ଼ାକନୀରେ- ଭୀମଶଙ୍କର, ଗୋମତି ତଟରେ- ତ୍ରୈମ୍ବକେଶ୍ୱର, ଦେବ ସରୋବରର ଶିଳାଳୟରେ -ଘୁର୍ଣ୍ଣେଶ୍ୱର, ଉତ୍ତରପ୍ରଦେଶର କାଶୀଠାରେ - ବିଶ୍ୱନାଥ, ହିମାଳଚପ୍ରଦେଶ ହିମାଳୟରେ- କେଦାରନାଥ ପ୍ରମୁଖ ଲିଙ୍ଗ ରହିଛନ୍ତି। ଓଡ଼ିଶାରେ ମଧ୍ୟ ଅନେକ ଶୈବ ପୀଠ ରହିଛି । ଯେପରି ପୁରୀରେ ଶ୍ରୀ ଲୋକନାଥ, ଭୁବନେଶ୍ୱରରେ- ଲିଙ୍ଗରାଜ, ବ୍ରହ୍ମେଶ୍ୱର, କପିଳେଶ୍ୱର, କେଦାରଶ୍ୱର, ଇନ୍ଦ୍ରଶ୍ୱର, ଯମେଶ୍ୱର, ନାଗେଶ୍ୱର, ସିଦ୍ଧେଶ୍ୱର, ମେଘେଶ୍ୱର, କଟକରେ - ଧବଳେଶ୍ୱର, ଗଡ଼ଗଡ଼େଶ୍ୱର, ଭଦ୍ରଖରେ- ବାବା ଆଖଣ୍ଡଳମଣି, କୋରାପୁଟରେ - ଗୁପ୍ତେଶ୍ୱର, ଖୋର୍ଦ୍ଧାରେ - ଧବଳେଶ୍ୱର, ବାଲୁଙ୍କେଶ୍ୱର, ହଟକେଶ୍ୱର ,ବିଶ୍ୱନାଥ, କେଶର କ୍ଷେତ୍ରଭାବେ- ଚଣ୍ଡେଶ୍ୱର, ଇନ୍ଦ୍ରଶ୍ୱର, ସୋମନାଥ, ବିରଜା କ୍ଷେତ୍ରରେ - ସିଦ୍ଧେଶ୍ୱର, ବେଲେଶ୍ୱର, ତ୍ରିଲୋଚନେଶ୍ୱର, ବାଲେଶ୍ୱରରେ- ଚନ୍ଦନେଶ୍ୱର, ପଞ୍ଚୁଲିଙ୍ଗେସ୍ୱର ନୟାଗଡ଼ରେ-ଲଡୁବାବା, କେନ୍ଦୁଝରରେ- ମୁର୍ଗା ମହାଦେବ, ସୁନ୍ଦରଗଡ଼ରେ -ବେଦବ୍ୟାସ, ସୋନପୁରରେ-ସୁବର୍ଣ୍ଣମେରୁ, ଆଠମଲ୍ଲିକରେ-ସିଦ୍ଧେଶ୍ୱର ବାବା ପ୍ରଭୃତି ଶୈବ ପୀଠ ଗୁଡିକରେ ମହାଶିବରାତ୍ରି ମହାଆଡ଼ମ୍ବରରେ ଭକ୍ତି ଓ ନିଷ୍ଠାର ସହ ପାଳିତ ହୋଇଆସୁଛି। ଶିବରାତ୍ରି ପୂଜା ବ୍ରତ ଯେଉଁମାନେ ଠିକ୍ ଭାବରେ କରନ୍ତି ମହାଦେବ ଆଶୁତୋଷ ତାଙ୍କର ମଙ୍ଗଳ କରନ୍ତି। ଏହି ପବିତ୍ର ମହାଶିବରାତ୍ରିରେ ଶିବ ପଞ୍ଚାକ୍ଷର ମନ୍ତ୍ର ଜପ କରିବା ସହିତ ମହାଦୀପ ଦର୍ଶନ କରି ଜୀବନକୁ ଧନ୍ୟ ମନେ କରିବା । ଓଁ ନମଃ ଶିବାୟଃ ।

# ରକ୍ତ ଦେବା କାହିଁକି

ଡି ଦେବହରି ରେଡ୍ଡି
ସ୍ୱାସ୍ଥ୍ୟ ପରାମର୍ଶ ଦାତା
ତାରିଣୀ ପଲ୍ଲୀ, ଗଞ୍ଜାମ
୯୪୩୭୨୫୩୩୩୨

ବର୍ତ୍ତମାନର ସ୍ୱାର୍ଥବାଦୀ ସମାଜରେ ବିନା ସ୍ୱାର୍ଥରେ ଦାନ କରିବା ବା କିଛି ଦେବା ପାଇଁ କାହାକୁ ବା ଭଲ ଲାଗେ ? ସମସ୍ତେ ନିଜ ସ୍ୱାର୍ଥ ସାଧନ ପାଇଁ ବ୍ୟାକୁଳ ଓ ବ୍ୟଗ୍ର। କିନ୍ତୁ ଦାନ କରିବା ଏକ ପରମ ଧର୍ମ ଏହା ସମସ୍ତେ ଜାଣନ୍ତି। ଜଣେ ପରହିତ ବା ଉପକାର ନିମନ୍ତେ ଅନ୍ୟକୁ ଦିଏ ଓ ପ୍ରତିବଦଳରେ ପାଇବା ପାଇଁ କିଛି ଆଶା ରଖେନି ତାକୁ ଦାନ କୁହାଯାଏ। ଦାନ ଏକ ମହତ୍ କାର୍ଯ୍ୟ। ଦାନର ସଂଜ୍ଞା କି ମୂଲ୍ୟ ଆକଳନ କରାଯାଇପାରେ ନାହିଁ। ଅତୀତ କାଳରେ ଭିକ୍ଷୁକ, ଭୋକିଲା ଓ ଆଶ୍ରିତ ଲୋକଙ୍କୁ ଅନ୍ନ ଦାନ, ଗରିବ ଜମିହିନ ବ୍ୟକ୍ତିଙ୍କୁ ଭୂମି ଦାନ, ଅର୍ଥ ଦାନ, ବସ୍ତ୍ର ଦାନ ଭଳି ଅନେକ କାର୍ଯ୍ୟ ବଦାନ୍ୟ ବ୍ୟକ୍ତି ନିଜର ସକ୍ଷମ ଅନୁସାରେ ଦାନ କରୁଥିଲେ। ଦାନବୀର ହରିଶ୍ଚନ୍ଦ୍ର, କର୍ଣ୍ଣ ଭଳି ମହାନ୍ ଦାନୀ ଯେଉଁମାନେ ଦାନ କରି କରି ନିଜର ସର୍ବସ୍ୱ ସାରି ଦେଇଥିଲେ ସେହିମାନଙ୍କ ବିଷୟ ହିନ୍ଦୁ ଧର୍ମଶାସ୍ତ୍ରରେ ଲେଖା ଅଛି।

ସବୁ ଧର୍ମର ଧର୍ମଶାସ୍ତ୍ରରେ ଦାନକୁ ମହତ୍ କାର୍ଯ୍ୟ ବୋଲି ବର୍ଣ୍ଣନା କରିବା ସହ ଦାନ ଧର୍ମ କରିବା ପାଇଁ ପରାମର୍ଶ ଦିଆଯାଇଛି। ଅତୀତରେ ଦାନକୁ ଗ୍ରହଣ କରିବା ପାଇଁ ଲୋକ ଆଗ୍ରହ ପ୍ରକାଶ କରୁନଥିଲେ। ଅତି ଦରକାର ନଥିଲେ କେହି ବି ଦାନ ଗ୍ରହଣ କରୁନଥିଲେ। ଉପଯୁକ୍ତ ନଥିବା ଲୋକ ଦାନ ଗ୍ରହଣ କଲେ କିଭଳି କୁଫଳ ମିଳେ ତାହା ମଧ୍ୟ ବିଭିନ୍ନ ପୁରାଣ ଧର୍ମ ଗ୍ରନ୍ଥରେ ବର୍ଣ୍ଣିତ ଅଛି। ତେଣୁ ସ୍ୱାଭିମାନ ଦୃଷ୍ଟିରୁ ଦାନକୁ କେହି ଗ୍ରହଣ କରୁ ନଥିଲେ। କିନ୍ତୁ ବର୍ତ୍ତମାନ ଦାନ ଦେବା ଅପେକ୍ଷା ଦାନ ନେବା ପାଇଁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଛି। ସ୍ୱାଭିମାନକୁ ଭୁଲି ଲୋକେ ଆଗ୍ରହର ସହ ବିଭିନ୍ନ ସୂତ୍ରରୁ ମିଳୁଥିବା ଦାନକୁ ଗ୍ରହଣ କରୁଛନ୍ତି ।ଲୋକଙ୍କ ମାନସିକତା ବଦଳିଯାଇଛି।

ସାଂପ୍ରତିକ ସମୟରେ ସମାଜର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ଦାନ ମଧ୍ୟରେ ରକ୍ତଦାନ ଏକ ସର୍ବଶ୍ରେଷ୍ଠ ଦାନ ବୋଲି ମନେ ହୁଏ। ଜୀବନ ଧାରଣ ପାଇଁ ରକ୍ତର ଆବଶ୍ୟକ ଜରୁରୀ ଅଛି। ରକ୍ତ ଦ୍ୱାରା ଶରୀରରେ ଅମ୍ଳଜାନ, ବିଭିନ୍ନ ପୃଷ୍ଟିକର ତତ୍ତ୍ୱ ସବୁ କୋଷରେ ପହଞ୍ଚେ। ଶରୀରରେ ତିଆରି ହେଉଥିବା ଅଦରକାରୀ ରାସାୟନିକ ଦ୍ରବ୍ୟକୁ ବୃକକ୍ ଦ୍ୱାରା ପରିଷ୍କୃତ କରାଇ ମୂତ୍ର ଦ୍ୱାରା ବାହାର କରେ। ଏହା ସହ ରକ୍ତରେ ଥିବା ବିଭିନ୍ନ ପ୍ରକାର କୋଷ ଶରୀରକୁ ସଂକ୍ରମଣରୁ ରକ୍ଷା କରେ। ଏକ ସୁସ୍ଥ ମଣିଷ ଶରୀରରେ ଶରୀରର ଓଜନର ଶତକଡା ୭-୮ ଭାଗ ରକ୍ତ ଥାଏ ଅର୍ଥାତ୍ ହାରାହାରି ୫-୬ ଲିଟର ରକ୍ତ ରହିଥାଏ। କିନ୍ତୁ କେତେକ କାରଣରୁ ରକ୍ତ କମିଯାଏ। ବିଭିନ୍ନ ଅଟୋ ଇମ୍ୟୁନୋ ରୋଗ ଯଥା ଥାଲାସେମିଆ ଓ ହେମୋଫିଲିଆ ଭଳି ଦୁରସାଧ୍ୟ ରୋଗ କ୍ଷେତ୍ରରେ ଶରୀରରେ ରକ୍ତ କମିଯାଏ ଓ ଆଉ କେତେକ କ୍ଷେତ୍ରରେ ଅସ୍ଥି ମଜ୍ଜାରେ ରକ୍ତ ତିଆରି ହୋଇ ପାରେନା ଫଳରେ ଜୀବନ ପାଇଁ ରକ୍ତର ଆବଶ୍ୟକ ପଡେ। ରକ୍ତର ଅଭାବ କେବଳ ରକ୍ତ ଦ୍ୱାରା ହିଁ ପୂରଣ କରାଯାଇପାରିବ। ରକ୍ତର ବିକଳ୍ପ କିଛି ନାହିଁ। ବର୍ତ୍ତମାନ ସମୟରେ ବଂଶଗତ ରୋଗ ସହ ସଡ଼କ ଦୁର୍ଘଟଣା, ବିଭିନ୍ନ ଅସ୍ତ୍ରୋପଚାର ଓ କେତେକ କ୍ଷେତ୍ରରେ ଗର୍ଭବତୀ ମହିଳାଙ୍କ ପ୍ରସବ କାଳୀନ ଚିକିତ୍ସା ନିମନ୍ତେ ମଧ୍ୟ ରକ୍ତର ଆବଶ୍ୟକ ଜରୁରୀ ହୋଇ ପଡେ। ସେତେବେଳେ ରକ୍ତ ଖୋଜା ପଡେ। ଜୀବନ ରକ୍ଷା ପାଇଁ ରକ୍ତର ଆବଶ୍ୟକତା ଅତି ଜରୁରୀ। ତେଣୁ ସେତେବେଳେ ରକ୍ତଦାନର ଆବଶ୍ୟକ ପଡେ ଓ ରକ୍ତଦାତାଙ୍କୁ ଖୋଜା ପଡେ।

ରକ୍ତଦାନ କରିବା ପାଇଁ ଅନେକ ଯୁବକ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ସେମାନଙ୍କ ମଧ୍ୟରେ ରକ୍ତଦାନକୁ ନେଇ ଅନେକ ମାନସିକ ଦ୍ୱନ୍ଦ୍ୱ ରହିଥାଏ। ଆମେ କାହିଁକି ରକ୍ତ ଦେବା ଭଳି ପ୍ରଶ୍ନକରିବା, ଯୁକ୍ତି କରିବା ଅନେକ ନଜିର ମିଳିଥାଏ। ପ୍ରକୃତରେ କହିବାକୁ ଗଲେ ରକ୍ତଦାନ କଲେ ଏକ ୟୁନିଟ୍ ରକ୍ତଦାନରେ ଚାରି ଜଣ ରକ୍ତ ଗୃହିତା ବା ରୋଗୀ ଉପକୃତ ହେବା ସହ ରକ୍ତଦାତା ମଧ୍ୟ ପରୋକ୍ଷ ଭାବେ ଉପକୃତ ହୁଏ। ସାଧାରଣତଃ ଶରୀରରେ ରକ୍ତ ପ୍ରାକୃତିକ ପ୍ରକ୍ରିୟାରେ ଦୈନନ୍ଦିନ ନଷ୍ଟ ହେବା ସହ ନୂଆଁ ରକ୍ତ ମଧ୍ୟ ତିଆରି ହୁଏ। ଲୋହିତ ରକ୍ତ କଣିକାର ଜୀବନ କାଳ ୧୨୦ ଦିନ, ଶ୍ୱେତ ରକ୍ତକଣିକା ର ୧୩-୨୦ ଦିନ ଓ ଅଣୁଚକ୍ରିକା ୮-୧୦ ଦିନ । ତେଣୁ ଏହା ଏକ ପ୍ରାକୃତିକ ବିଘଟନ ପ୍ରକ୍ରିୟା। ଆମେ ରକ୍ତଦାନ କଲେ କିଛି ଅସୁବିଧା ବା ଅଭାବ ହୁଏ ନାହିଁ ତାହା ସ୍ୱତଃସ୍ଫୁର୍ତ୍ତ ଭାବେ ଶରୀରରେ ସୃଷ୍ଟି ହୁଏ। କିନ୍ତୁ ଦରକାର ବେଳେ ରକ୍ତ ନଦେଲେ ଆବଶ୍ୟକ ଥିବା ବ୍ୟକ୍ତିଙ୍କ ଜୀବନ ସଙ୍କଟାପନ୍ନ ହୋଇପଡେ। ରକ୍ତଦାନ କରିବା ଦ୍ୱାରା ରକ୍ତଦାତାଙ୍କ ଶରୀରରେ ଉଚ୍ଚ ରକ୍ତଚାପ, ମଧୁମେହ, ହୃଦଘାତ ଭଳି ରୋଗର ସମ୍ଭାବନା କମିଯାଏ। ଏବଂ ରକ୍ତରେ ଏଚଆଇଭି, ହେପାଟାଇଟିସ ବି, ହେପାଟାଇଟିସ ସି, ମ୍ୟାଲେରିଆ, ସିଫିଲିସ୍ ଭଳି ରୋଗର ପରୀକ୍ଷା କରି ସ୍ଥିତି ଜାଣି ହୁଏ ।ଫଳରେ ରକ୍ତଦାତା ସ୍ୱାସ୍ଥ୍ୟବାନ ହେଇପାରିବ। ଆଉ କେତେକ କ୍ଷେତ୍ରରେ କିଛି ରକ୍ତଦାତାଙ୍କ ମଧ୍ୟରେ ସନ୍ଦେହ ଥାଏ ରକ୍ତଦାନ କଲେ ଶରୀର ରକ୍ତ କମିଯାଏ କିନ୍ତୁ ଜାଣିବା ଦରକାର ଶରୀରରେ ଥିବା ୫-୬ ଲିଟର ରକ୍ତରୁ ମାତ୍ର ୩୫୦ମିଲି ଲିଟର ରକ୍ତ ସଂଗ୍ରହ କରାଯାଏ ଯାହାକି ଦୁଇ ତିନି ଦିନ ମଧ୍ୟରେ ରକ୍ତଦାତାଙ୍କ ଶରୀରରେ ଭରଣା ହୋଇଯାଏ। ଏଥିପାଇଁ କୌଣସି ଭୟ କରିବା ଆବଶ୍ୟକ ନାହିଁ। ଜଣେ ସ୍ୱାସ୍ଥ୍ୟବାନ ପୁରୁଷ ପ୍ରତି ତିନି ମାସରେ ଥରେ ଓ ମହିଳା ଚାରି ମାସରେ ଥରେ ରକ୍ତ ଦେଇପାରିବେ ଯାହାର ବୟସ ୧୮-୬୦ ବର୍ଷ, କୌଣସି ରୋଗରେ ପୀଡିତ ନଥିବେ, ଓଜନ ୪୫ କେଜିରୁ ଉର୍ଦ୍ଧ୍ୱ ଥିବେ। ମହିଳାଙ୍କ କ୍ଷେତ୍ରରେ ମାସିକ ଋତୁସ୍ରାବ ସମୟରେ, ଶରୀରର ହେମୋଗ୍ଲୋବିନ ୧୨.୫ଗ୍ରାମରୁ କମ ନଥିବ ଓ ଗର୍ଭବତୀ ହୋଇନଥିବା ଦରକାର। ଉଭୟ ଲିଙ୍ଗ ପାଇଁ ଶରୀରର ତାପମାତ୍ରା, ରକ୍ତଚାପ ଓ ନାଡୀ ବେଗ ସ୍ୱାଭାବିକ ଥିବା ଦରକାର। ଏହି ସବୁ ଥିଲେ ଜଣେ ରକ୍ତଦାନ କରିପାରିବେ। ବେଳେବେଳେ କିଛି ରକ୍ତଦାତା ନିଜ ସମ୍ପର୍କୀୟ କିମ୍ବା ପରିବାର ସଦସ୍ୟଙ୍କ ଆବଶ୍ୟକ ବେଳେ ରକ୍ତ ଭଣ୍ଡାରରୁ ରକ୍ତ ମିଳୁ ନଥିବା କହି ରକ୍ତଦାନ କରିବା ପାଇଁ ବିରକ୍ତ ମନୋଭାବ ପ୍ରକାଶ କରନ୍ତି। ହଁ ବିରକ୍ତ ହେବା ସ୍ୱାଭାବିକ କିନ୍ତୁ ବାସ୍ତବରେ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ରହିଥାଏ। ପୁଣି ଯେଉଁ ଶ୍ରେଣୀର ରକ୍ତର ଆବଶ୍ୟକ ହୁଏ ସେହି ଶ୍ରେଣୀର ରକ୍ତର ଉପଲବ୍ଧି ନଥାଏ। ସେହି କ୍ଷେତ୍ରରେ ମିଳିବା କଷ୍ଟକର ହୁଏ। ସେହି କ୍ଷେତ୍ରରେ ରକ୍ତଭଣ୍ଡାର କର୍ମଚାରୀ ସାହାଯ୍ୟ କିମ୍ବା ସହଯୋଗ କରିପାରନ୍ତି ନାହିଁ। କେତେକ କ୍ଷେତ୍ରରେ ରକ୍ତଭଣ୍ଡାର କର୍ମଚାରୀ ମଧ୍ୟ ନିୟମିତ ରକ୍ତଦାତାଙ୍କୁ ଉପଯୁକ୍ତ ବ୍ୟବହାର ନକରିବା ଉଦାହରଣ ରହିଛି ଫଳରେ ରକ୍ତଦାନ ନିମନ୍ତେ ରକ୍ତଦାତାଙ୍କ ମଧ୍ୟରେ ଉତ୍ସାହ କମିଯିବା ନଜିର ରହିଛି। ତେଣୁ ରକ୍ତଦାତାଙ୍କୁ ଉପଯୁକ୍ତ ବ୍ୟବହାର ସହ ସଠିକ୍ ସୂଚନା ପ୍ରଦାନ କରିପାରିଲେ ଏହିଭଳି ମନୋଭାବ ଦୂର ହୋଇପାରିବ।

ଓଡ଼ିଶାରେ ରକ୍ତର ଅଭାବକୁ ଦୂର କରିବା ପାଇଁ ଅନେକ ସ୍ୱେଚ୍ଛାସେବୀ ସଂଗଠନ ନିଜ ନିଜ ସ୍ତରରେ ପ୍ରୟାସ ଜାରି ରଖି ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜନ କରି ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଆସୁଛନ୍ତି। କେବଳ ଯେ ସହରରେ ନୁହେଁ ଏହି ଭଳି ଅନେକ ସଂଗଠନ ଗ୍ରାମାଞ୍ଚଳରେ ମଧ୍ୟ ସକ୍ରିୟ ଅଛନ୍ତି । ଏହି ଭଳି ସଂଗଠନକୁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ସରକାରଙ୍କ ପକ୍ଷରୁ ପ୍ରଶଂସା କରିବା ଉଚିତ୍। ଫଳରେ ସେମାନଙ୍କ ମନୋବଳ ଦୃଢ଼ ହେବ।

ଶେଷରେ ରକ୍ତଦାନ ଏକ ମହତ୍ ଦାନ ଏହା ଏକ ନିରାଟ ସତ୍ୟତା। ତେଣୁ ସମସ୍ତେ ନିଜ ଜୀବନରେ ନିୟମିତ ରକ୍ତଦାନ କରି ନିଜ ଜୀବନକୁ ସାର୍ଥକତା କରିବା ପାଇଁ ଆହ୍ୱାନ।

# ଭାରତୀୟ ଖେଳାଳିଙ୍କ ଜର୍ସିରେ ପାକିସ୍ତାନର ନାମ

କାଳୀ ଦାସ
ବ୍ରହ୍ମପୁର
ଖୋଡାସିଂଗି କଳିଙ୍ଗନଗର ,
ଗଞ୍ଜାମ,
ମୋ -୮୨୦୫୨୦୦୮୩୯

ଭାରତର ସ୍ୱାଧୀନତା ପରଠାରୁ ଓ ଭାରତ ପାକିସ୍ତାନର ବିଭାଜନ ପରଠାରୁ ଭାରତ ଓ ପାକିସ୍ତାନ ଭିତରେ ତିକ୍ତତା ଦେଖିବାକୁ ମିଳିଛି। ପାକିସ୍ତାନ ସବୁବେଳେ ଭାରତ ବିରୁଦ୍ଧରେ ଆତଙ୍କବାଦକୁ ପ୍ରଶ୍ରୟ ଦେଇଛି। ପାକିସ୍ତାନରେ ଟ୍ରେନିଂ ପାଇଥିବା ଆତଙ୍କବାଦୀ ସମୟ ସମୟରେ ଭାରତ ମାଟିକୁ ରକ୍ତାକ୍ତ କରିଛନ୍ତି। କାରଗିଲ ଠାରୁ ଆରମ୍ଭ କରି ମୁମ୍ବାଇରେ ଘଟିଥିବା ୯/୧୧ ର ଘଟଣାକୁ କୌଣସି ଭାରତୀୟ ଭୁଲି ପାରି ନାହାନ୍ତି। ଆତଙ୍କବାଦୀ ଆକ୍ରମଣରେ ପୁଲବାମାରେ ମୃତ୍ୟୁ ବରଣ କରିଥିବା ଭାରତୀୟ ଯବାନଙ୍କୁ କେବେହେଲେ ଭାରତ ଭୁଲିପାରିବନି ଏହି ସମସ୍ତ ଆତଙ୍କବାଦର ଷଡ଼ଯନ୍ତ୍ର ପାକିସ୍ତାନ ମାଟିରେ ରଚନା କରାଯାଇଛି। ଏହି ସମସ୍ତ ଆତଙ୍କବାଦୀ ଘଟଣାକୁ ଆଖିରେ ରଖି ଭାରତୀୟ କ୍ରିକେଟ ଟିମ ପାକିସ୍ତାନରେ କ୍ରିକେଟ ଖେଳିବା ପାଇଁ ମନା କରିଛନ୍ତି। ଭାରତୀୟ କ୍ରିକେଟ ଟିମ୍ ପାକିସ୍ତାନ ମାଟିରେ ନ ଖେଳିବାର ମୁଖ୍ୟ କାରଣ ଦର୍ଶାଇଛି ଯେ ପାକିସ୍ତାନରେ ଭାରତୀୟ ଖେଳାଳୀ ଅସୁରକ୍ଷିତ ତେଣୁ ଭାରତ ପାକିସ୍ତାନ ଯାଉନାହିଁ। ଚ୍ୟାମ୍ପିୟନସ ଟ୍ରଫି ବା ମିନି ୱାର୍ଲ୍ଡ କପ ଯେଉଁ ଦେଶରେ ଖେଳାଯାଏ ସେହି ଦେଶର ନାମ ସହିତ ତାକୁ ଯୋଡ଼ି ଦିଆଯାଏ। ଚାମ୍ପିୟନସ ଟ୍ରଫି ପ୍ରଥମ ଥର ପାଇଁ ୧୯୯୮ ରେ ବାଂଲାଦେଶ ରେ ଖେଳା ଯାଇଥିଲା ଏବଂ ସେତେବେଳେ ତାର ନାମ ଚ୍ୟାମ୍ପିୟନସ ଟ୍ରଫି ୧୯୯୮ ବାଂଲାଦେଶ' ଥିଲା। ପ୍ରତ୍ୟେକ ଦେଶର କ୍ରିକେଟ ଖେଳାଳୀ ଯେଉଁମାନେ ଏହି ଚାମ୍ପିୟନସ ଟ୍ରଫିର ଭାଗନେଇ ଥିଲେ ସେମାନେ ନିଜ ନିଜ ଜର୍ସିରେ ଏହି ଟ୍ରଫିର ନାମ ଲେଖିଥିଲେ। ବର୍ତ୍ତମାନ ୨୦୨୫ ରେ ଯେହେତୁ ଏହି ଚ୍ୟାମ୍ପିୟନସ ଟ୍ରଫି ପାକିସ୍ତାନରେ ଖେଳା ଯାଉଛି ସେଥିପାଇଁ ଏହି ଟ୍ରଫିର ନାମ ଚ୍ୟାମ୍ପିୟନସ ଟ୍ରଫି ୨୦୨୫ ପାକିସ୍ତାନ ଲେଖାଯାଇଛି। ପ୍ରତ୍ୟେକ ଖେଳାଳୀ ନିଜ ନିଜ ଜର୍ସିରେ ପାକିସ୍ତାନର ନାମ ଲେଖିଛନ୍ତି। ଭାରତୀୟ ଖେଳାଳୀ ମାନେ ମଧ୍ୟ ନିଜ ନିଜ ଜର୍ସି ରେ 'ଚ୍ୟାମ୍ପିୟନସ ଟ୍ରଫି ୨୦୨୫ ପାକିସ୍ତାନ' ଲେଖିଛନ୍ତି। ଭାରତୀୟଙ୍କ ପାଇଁ ଭାରତୀୟ ଖେଳାଳୀଙ୍କ ଜର୍ସିରେ ଲେଖାଯାଇଥିବା ପାକିସ୍ତାନର ନାମ ନିଶ୍ଚିତ ଭାବରେ ଦୃଷ୍ଟିକଟୁ। ଯେଉଁ ଦେଶରେ ଖେଳିବା ପାଇଁ ଖେଳାଳୀ ମାନେ ଯାଉନାହାନ୍ତି ସେଥିପାଇଁ ବିଭିନ୍ନ ଦେଶ ସହିତ ହୋଇଥିବା ଭାରତର ଖେଳ ଗୁଡ଼ିକ ଦୁବାଇ ରେ ହେଉଛି ସେତେବେଳେ ଭାରତକୁ ପ୍ରତିନିଧିତ୍ୱ କରୁଥିବା କ୍ରିକେଟ ଖେଳାଳୀଙ୍କ ଜର୍ସିରେ ପାକିସ୍ତାନର ନାମ ଦୁଃସହ ମନେ ହେଉଛି। ଗୋଟିଏ ପଟେ ତିରଙ୍ଗା ଓ ଅନ୍ୟ ପଟେ ପାକିସ୍ତାନ ନିଶ୍ଚିତ ଭାବରେ ଅନେକଙ୍କ ମନରେ ଶଙ୍କା ସୃଷ୍ଟି କରୁଛି। ଚିର ଦିନ ଧରି ଯେଉଁ ଦେଶର ନାମକୁ ଆମେ କେବେ ବି ଆଦରର ସହିତ ନେଇ ନାହୁଁ, ସେହି ଦେଶ ସହିତ ଯେମିତି ମନେ ହୁଏ ଆଜୀବନ ଶତ୍ରୁତା ରହିଛି। ଆଜି ଆମ ଦେଶର ଅତି ପ୍ରିୟ ଖେଳାଳିଙ୍କ ଜର୍ସିରେ ସେହି ଦେଶର ନାମ ଦେଖିଲେ ନିଶ୍ଚୟ କଷ୍ଟ ହେଉଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# କୋହଲିଙ୍କ ଭଳି କେହି ଚାପକୁ ସମ୍ଭାଳି ପାରିବେ ନାହିଁ : ଅନୁରାଗ ଠାକୁର

**ଦୁବାଇ**



ପାକିସ୍ତାନ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍‌ରେ ଚାପ ପରିସ୍ଥିତିରେ ବିରାଟ କୋହଲି ଯେଉଁ ଭଳି ଅପରାଜିତ ଶତକୀୟ ଇନିଂସ୍ ଖେଳିଥିଲେ, ତାହାକୁ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ଏବଂ ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା ପ୍ରଶଂସା କରିଛନ୍ତି। କୋହଲିଙ୍କ ଶତକ ଯୋଗୁ ଭାରତ ୬ ୱିକେଟରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌କୁ ଜିତି ପାରିଛି। ଚାପ ପରିସ୍ଥିତିରେ କେଉଁ ଭଳି ଦେଶ ପାଇଁ ଖେଳାଯାଏ, ତାହା କୋହଲି ଦେଖାଇଥିଲେ। ଜବରଦସ୍ତ ଶତକ ବଳରେ କୋହଲି ଦେଶ ପାଇଁ ମ୍ୟାଚ୍ ଜିତିବା ସହ ଅନେକ ହୃଦୟ ଜିତିଛନ୍ତି। ଯଦି ଆମେ କୋହଲିଙ୍କ ଇନିଂସକୁ ଦେଖିବା, ତେବେ ସେ କଦାପି ଶତକ ଲାଗି ବିବ୍ରତ ହୋଇ ନ ଥିଲେ। ଦଳ ଲାଗି ମ୍ୟାଚ୍ ଜିତିବାକୁ ସେ ପ୍ରାଥମିକତା ଦେଇଥିଲେ। ସେ ଚୌକା କିମ୍ବା ଛକା ବଦଳରେ ଷ୍ଟ୍ରାଇକ ରୋଟେଟ୍ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ସେ ଶେଷ ପର୍ଯ୍ୟନ୍ତ ଖେଳି ଭାରତକୁ ମ୍ୟାଚ୍ ଜିତାଇବାକୁ ଚାହୁଁଥିଲେ। ତାଙ୍କ ଭଳି ବଡ଼ ଖେଳାଳିଙ୍କ ପାଇଁ ବ୍ୟକ୍ତିଗତ ସ୍କୋର ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ବିସିସିଆଇ ପୂର୍ବତନ ସଭାପତି ତଥା ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଠାକୁର କହିଛନ୍ତି। ରାଜୀବ ଶୁକ୍ଳା ପ୍ରଶଂସା କରି କହିଛନ୍ତି ଯେ, ଏହା କୋହଲିଙ୍କ ଏକ ଚମତ୍କାର ଶତକ ଥିଲା। ସେ ଯେଉଁଭଳି ଦଳକୁ ସ୍ଥିରତା ପ୍ରଦାନ କରିଥିଲେ, ତାହା ଅନ୍ୟ କେହି କରିପାରିବେ ନାହିଁ। ଶ୍ରେୟସ ଓ ଗିଲ୍ ମଧ୍ୟ ଖୁବ୍ ଭଲ ଖେଳିଥିଲେ। ଭାରତୀୟ ଦଳ ପୁଣି ଫର୍ମକୁ ଫେରିଛି। ସମସ୍ତ ଖେଳାଳି ସମ୍ପୂର୍ଣ୍ଣ ରୂପେ ଫିଟ୍ ଅଛନ୍ତି ଏବଂ ସେମାନେ ପୂରା ଷ୍ଟାଇଲରେ ପାକିସ୍ତାନକୁ ହରାଇଥିଲେ। ଭାରତୀୟ ଦଳ ଫାଇନାଲ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଜଣାପଡ଼ୁଛି। ଏହା ବ୍ୟତୀତ ଆଇପିଏଲ ଚେୟାରମ୍ୟାନ ଅରୁଣ ଧୁମଲ କହିଛନ୍ତି ଯେ, ପୂରା ଦେଶ କୋହଲିଙ୍କ ଶତକ ଦେଖିବାକୁ ଅପେକ୍ଷା କରିଥିଲା। ସେ ଯେଉଁଭଳି ଖେଳିଲେ, ତାହାକୁ ଆମେ ଖୁବ୍ ଉପଭୋଗ କଲୁ। ମୁଁ ନିଶ୍ଚିତ ଯେ, ଆଇସିସି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳର ଭଲ ପ୍ରଦର୍ଶନ ପଛରେ ଆଇପିଏଲର ବଡ଼ ଭୂମିକା ରହିଛି।

# ଚାମ୍ପିୟନ୍ସ ଟ୍ରଫି : ବାଂଲାଦେଶକୁ ୫ ୱିକେଟରେ ହରାଇଲା ନ୍ୟୁଜିଲାଣ୍ଡ

**ରାୱଲପିଣ୍ଡି**



ରାୱଲପିଣ୍ଡିଠାରେ ଖେଳାଯାଇଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫିର ୬ଷ୍ଠ ମ୍ୟାଚ୍‌ରେ ବାଂଲାଦେଶକୁ ୫ ୱିକେଟରେ ପରାସ୍ତ କରିଛି। ବାଂଲାଦେଶ ଦ୍ୱାରା ରଖାଯାଇଥିବା ୨୩୭ ରନର ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ୪୬.୧ ଓଭରରେ ୫ ୱିକେଟ ହରାଇ ୨୪୦ କରି ହାସଲ କରିନେଇଥିଲା। ଦଳ ପକ୍ଷରୁ ରାଚିନ ରବୀନ୍ଦ୍ର ୧୧୨ ରନ ଓ ଟମ୍ ଲାଥମ ୫୫ ରନ ଓ ଡେଭନ କନୱେ ୩୦ ରନ କରିଥିଲେ। ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶର ଦୁଇ ଓପନର ତାଞ୍ଜିଦ ହାସନ ଓ ନଜମୁଲ ହୁସେନ ସାଣ୍ଟୋ ସତର୍କତାର ସହ ବ୍ୟାଟିଂ ଆରମ୍ଭ କରି ଏକ ଭଲ ମୂଳଦୁଆ ପକାଇଥିଲେ। ତେବେ ହାସାନ ୨୪ ରନ କରି ଆଉଟ ହେବା ପରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ଦଳ ୧୧୮ ରନରେ ୫ଟି ୱିକେଟ ହରାଇଥିଲା। ତେବେ ସାଣ୍ଟୋ ଓ ଜାକର ଅଲିଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ଦେଖିବାକୁ ମିଳିଥିଲା। ସାଣ୍ଟୋ ୭୭ ରନ ଓ ଜାକର ୪୫ ରନ କରିଥିଲେ। ସେହିପରି ରିଶଦ ହୁସେନ ୨୬ ରନ କରିଥିଲେ। ଦଳ ୫୦ ଓଭରରେ ୯ ୱିକେଟ ହରାଇ ୨୩୬ ରନ କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ମାଇକେଲ ବ୍ରେସୱେଲ ୪ଟି, ୱିଲିୟମ ଓରୁର୍କେ ୨ଟି ତଥା କାଇଲ ଜେମିସନ ଓ ମାଟ ହେନେରି ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

ଆଜି ଚାମ୍ପିଅନ୍ସ ଟ୍ରଫିରେ...
ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା( ରାୱଲପିଣ୍ଡି)

# ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନର ଖରାପ ପ୍ରଦର୍ଶନ : ଆକ୍ସନରେ ପିସିବି

**ଲାହୋର**

ଭାରତ ବିପକ୍ଷରେ ଲଜ୍ଜାଜନକ ପ୍ରଦର୍ଶନ ସହିତ ଚଳିତ ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ କ୍ରିକେଟ ଦଳର ଖରାପ ପ୍ରଦର୍ଶନ ପରେ ଘରୋଇ ଟୁର୍ଣ୍ଣାମେଣ୍ଟ ପରେ ଏହାର କୋଚ୍ ଦାୟିତ୍ୱରେ ଥିବା ପୂର୍ବତନ ଫାଷ୍ଟ ବୋଲର ଅର୍କିବ ଜାଭେଦ ଓ ଅନ୍ୟ ସପୋର୍ଟ ଷ୍ଟାଫମାନେ ସେମାନଙ୍କ ପଦବୀରୁ ବିଦା ହେବେ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ସୂତ୍ରରୁ ଜଣାପଡ଼ିଛି। ପାକିସ୍ତାନ ଫେବୃୟାରୀ ୧୯ରେ କରାଚୀଠାରେ ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ୬୦ ରନ୍‌ରେ ପରାଜିତ ହେବା ପରେ ରବିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଠାରୁ ୬ ୱିକେଟରେ ହାରିଯାଇଛି। ଗତବର୍ଷଠାରୁ ପିସିବି ଯେପରି ଭାବେ କୋଚ୍ ଓ ଚୟନକର୍ତ୍ତାମାନଙ୍କୁ ବଦଳ କରି ଆସୁଛି ଏହି ପଦବୀଗୁଡ଼ିକ ପାଇଁ ନୂଆ ପ୍ରାର୍ଥୀ ବାଛିବା ଦଳ ପାଇଁ ଏକ ଚ୍ୟାଲେଞ୍ଜ ହେବ। ଗତବର୍ଷ ଶେଷ ଭାଗରେ ଗ୍ୟାରି କର୍ଷ୍ଟେନଙ୍କ ଇସ୍ତଫା ପରେ ପିସିବି ଚେୟାରମ୍ୟାନ ମହସିନ ନକ୍ଭି ହ୍ୱାଇଟ ବଲ୍ ଦଳ ପାଇଁ ଆକିବ୍‌ଙ୍କୁ କାମଚଳା ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦେଇଥିଲେ। ଅଷ୍ଟ୍ରେଲିଆର ଜାସନ ଗିଲେସ୍ପି ପଦତ୍ୟାଗ କରିବା ପରେ ଦକ୍ଷିଣ ଆଫ୍ରିକା ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ସିରିଜ ପାଇଁ ଆକିବ୍‌ଙ୍କୁ ରେଡ୍-ବଲ୍‌ର କାମଚଳା କୋଚ୍ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପାକିସ୍ତାନ ମାର୍ଚ୍ଚ ୧୬ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ୫ ମ୍ୟାଚ୍ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ଏବଂ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବା ଲାଗି ନ୍ୟୁଜିଲାଣ୍ଡ ଟୁର୍‌ରେ ଯିବ। ବୋର୍ଡ ଏହା ପୂର୍ବରୁ ନୂଆ ସ୍ଥାୟୀ କୋଚ୍ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଛି।

# ଏଫ୍.ଏଫ୍.ସିର ବନ୍ଧୁତ୍ୱ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଫନ୍ ଆଣ୍ଡ ଫିଡ୍‌ସ ୱାକରସ କ୍ଲବ ବିଗତ ୨୦୨୨ ମସିହାରେ ସ୍ୱର୍ଗତ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ଆୟୋଜିତ ଓ ଉଦ୍‌ଘାଟିତ ହୋଇଥିବା ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଆଜି ୪ର୍ଥ ବର୍ଷରେ ପଦାର୍ପଣ କରି ସ୍ଥାନୀୟ ଏନ-୩ କ୍ରିକେଟ ଫିଲ୍ଡରେ ଆୟୋଜିତ କରିଛି । ଏଥିରେ କ୍ଲବ୍‌ର ପରିଣତ ବୟସରେ କିଛି ସଦସ୍ୟ ମହିଳା, ଫିଲ୍ମ ସେଲିବ୍ରିଟୀ ଓ ଯୁବକମାନେ ପ୍ରେସିଡ଼େଣ୍ଟ ଏକାଦଶ ଓ ଡ଼ାଇରେକ୍ଟର ଏକାଦଶ ଦୁଇ ଦଳରେ ବିଭକ୍ତ ହୋଇ ମ୍ୟାଚ୍ ପ୍ରଦର୍ଶନ କରିଥିଲେ । ଏଥିରେ ବିଧାୟକ ସୁଶାନ୍ତ କୁମାର ରାଉତ ଉତ୍ତର ଭୁବନେଶ୍ୱର, ମୁଖ୍ୟ ଅତିଥି ମାନସୀ ରାଣୀ ସୁନ୍ଦରାୟ କର୍ପୋରେଟର ୱାର୍ଡ଼ ନଂ–୨୫, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ କର୍ପୋରେଟର ୱାର୍ଡ଼ ନଂ – ୨୭ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପୂର୍ବତନ ବିଧାୟକ, ଆଂଶୁମାନ ମହାନ୍ତି, ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣର ଲାୟନସ୍ କ୍ଲବ ନିକୁଞ୍ଜ କିଶୋର ଛୋଟରାୟ, ୱାକରସ୍ କ୍ଲବ ଇଣ୍ଟରନେସନାଲ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମୁକ୍ତକାନ୍ତ ଅଗସ୍ତି ଡ. ଶଶୀକାନ୍ତ ମିଶ୍ର ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ନିରନ୍ତର ପ୍ରାତଃ ଭ୍ରମଣ, ଯୋଗାଭ୍ୟାସ ଓ ବ୍ୟାୟାମ ଯୋଗୁ ଫନ ଆଣ୍ଡ ଫିଟ୍‌ନେସ କ୍ଲବର ସମସ୍ତ ସଦସ୍ୟ ପରିଣତ ବୟସରେ ମଧ ଫିଟ୍ ଅଛନ୍ତି ଓ କ୍ରିକେଟ ପରି ଏକ କଷ୍ଟଦାୟକ ଖେଳ ଖେଳିପାରୁଛନ୍ତି ଏବଂ ସମସ୍ତଙ୍କୁ ପ୍ରେରଣା ଦେଉଛନ୍ତି ବୋଲି ବିଧାୟକ ଓ ଅନ୍ୟାନ୍ୟ ଅତିଥ୍ୟ ମତ ପ୍ରକାଶ କରିଥିଲେ। ଉକ୍ତ ମ୍ୟାଚ୍‌ରେ ପ୍ରେସିଡ଼େଣ୍ଟ ଏକାଦଶ ଦଳକୁ ବିଜେତା ଘୋଷଣା କରାଯିବା ସହିତ ଏହାର କ୍ୟାପଟେନ ସୁଧାକର ଷଡ଼ଙ୍ଗୀଙ୍କୁ ଉଇନର ଟ୍ରଫି ଏବଂ ଡାରେକ୍ଟର ଟିମ୍‌କୁ ପ୍ରତିନିଧ କରିଥିବା ଅବଦୁସ ସଲାମ ଖାଁ ଙ୍କୁ ରନରସ୍ ଅପ ଟ୍ରଫି ଏବଂ ଶ୍ରେଷ୍ଠ ଖେଳାଳି ଭାବେ ପ୍ରଦୀପ ମହାନ୍ତିଙ୍କୁ ଟ୍ରଫି, ୱାକର୍ସ ଇଣ୍ଟରନ୍ୟାସନାଲ ପି.ଆର ଓ ସୁବାସ ପାଣିଗ୍ରାହୀ ପ୍ରଦାନ କରିଥିଲେ । ଏଥିରେ ଭୁବନେଶ୍ୱରର ବିଭିନ୍ନ ୱାକର୍ସ କ୍ଲବ, ଯଥା ଏକାମ୍ରକାନନ, ମଧୁସୂଦନ ପାର୍କ, ସନରାଇଜ ଓ ଏକାମ୍ରର ସମସ୍ତ କର୍ମକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀ, ଯୁବଗୋଷ୍ଠୀ ଓ କ୍ଲବର ସମସ୍ତ ସଦସ୍ୟ, ଫିଲମ ଆକ୍ଟର ବବି ମିଶ୍ର, ଫିଲମ୍ ପ୍ରଯୋଜକ ଶଚିକାନ୍ତ ଜେନା ଓ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇ ମ୍ୟାଚ୍ ଉପଭୋଗ କରିଥିଲେ। ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ ଏଫ୍.ଏଫ୍.ସିର ସଭାପତି ଆଶିଷ ପଟ୍ଟନାୟକ, ଉପସଭାପତି, ପ୍ରଦୀପ୍ତ ପଣ୍ଡା ଓ ସ୍କୋର ବୋର୍ଡ଼ ପରିଚାଳନାରେ ଇଂ ଅସୀମାନନ୍ଦ ମହାନ୍ତି, ଇଂ ଚିତ୍ତରଞ୍ଜନ ଦାସ, ପ୍ରଜ୍ଞା ସାହୁ ଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ, ପ୍ରାକ୍ତନ ସଭାପତି କେଦାର ପଟ୍ଟନାୟକ ଭବାନୀ ପ୍ରସାଦ ପଟ୍ଟନାୟକ, ବୈଷ୍ଣବ ଓଝା, ପ୍ରଦୀପ ରାଉତ ସୌଭାଗ୍ୟ ନାୟକ, ବାବୁରାମ ସେଠୀ ଓ ଜଲ୍ଲୀ ୱାକର ସୁରେନ୍ଦ୍ର ନାଥ ସେଠୀ, ଅଜୟ ଦାସ ଓ ସୁମିତ୍ରା ବେହେରା ଏଫଏଫସିର କର୍ମକର୍ତ୍ତାବୃନ୍ଦ।

# ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ଆତଙ୍କବାଦୀ ଭୟ : ଜାରି ହେଲା ହାଇଆଲର୍ଟ

**ନୂଆଦିଲ୍ଲୀ**

ପାକିସ୍ତାନ ଓ ୟୁଏଇରେ ଚାଲିଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ଉପରେ ଆତଙ୍କବାଦୀଙ୍କ କଳାବାଦଲ ସୃଷ୍ଟି ହୋଇଛି। ଭାରତର ମ୍ୟାଚ୍‌ଗୁଡ଼ିକୁ ଛାଡ଼ିଦେଲେ ଟୁର୍ଣ୍ଣାମେଣ୍ଟର ବାକି ସବୁ ଲଢ଼େଇ ପାକିସ୍ତାନରେ ଚାଲିଛି। ଏସବୁ ଭିତରେ ଆତଙ୍କବାଦୀମାନେ ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ଭଣ୍ଡୁର କରିବାକୁ ଯୋଜନା କରୁଛନ୍ତି। ପାକିସ୍ତାନରେ ଅଧିକାଂଶ ମ୍ୟାଚ୍ ରହିଥିବାରୁ ବିଭିନ୍ନ ଦେଶର ନାଗରିକ ସେଠାକୁ ଯାଉଛନ୍ତି।

ପାକିସ୍ତାନରେ ଏବେ ବିଭିନ୍ନ ଦେଶର ଲୋକ ରହିଛନ୍ତି। ସବୁଆଡ଼େ କ୍ରିକେଟର ଜ୍ୱର ଦେଖିବାକୁ ମିଳିଛି। ଏତିକି ବେଳେ ଆତଙ୍କବାଦୀମାନେ ନିଜର ଉପସ୍ଥିତି ଜାହିର କରିବାକୁ ଚେଷ୍ଟା କରିଛନ୍ତି। ଆତଙ୍କବାଦୀମାନେ ବିଦେଶୀ କ୍ରିକେଟ ପ୍ରେମୀଙ୍କୁ ଅପହରଣ କରିପାରନ୍ତି। ସେମାନଙ୍କୁ ଅପହରଣ କରି ମୁଣ୍ଡ ଜାମିନ ମାଗି ପାରନ୍ତି। ଖୋଦ୍ ପାକିସ୍ତାନର ଗୁଇନ୍ଦା ବିଭାଗ ଏପରି ସୂଚନା ହାସଲ କରିଛି। ଏକାଧିକ ଆତଙ୍କବାଦୀ ସଂଗଠନ କ୍ରିକେଟ ପ୍ରେମୀଙ୍କୁ ଅପହରଣ କରିବାର ଯୋଜନା କରୁଥିବାରୁ ପାକିସ୍ତାନ ଗୁଇନ୍ଦା ବିଭାଗ ହାଇ ଆଲର୍ଟ ଜାରି କରିଛି। ପାକିସ୍ତାନର ସୁରକ୍ଷାକର୍ମୀଙ୍କୁ ପୂରା ସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

ଗୁଇନ୍ଦା ବିଭାଗର କହିବା କଥା ଯେ ତେହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି), ଆଇଏସଆଇଏସ ଓ ବାଲୋଚିସ୍ତାନ ଭିତ୍ତିକ ଅନ୍ୟ ଆତଙ୍କବାଦୀ ସଂଗଠନଗୁଡ଼ିକ ଆଇସିସି ଚାମ୍ପିୟନ୍ସ ଟ୍ରଫିର ବିଦେଶୀ ଅତିଥିଙ୍କୁ ଟାର୍ଗେଟ କରିବାର ଆଶଙ୍କା ରହିଛି। ସେମାନେ କିଛି ବଦେଶୀ ଖେଳାଳିଙ୍କୁ ମଧ୍ୟ ଟାର୍ଗେଟ କରିପାରନ୍ତି। ଅପହରଣ ପରେ ଆତଙ୍କ ଖେଳାଇ ପୂରା ବିଶ୍ୱ ଉପରେ ଚାପ ପକାଇବା ଓ ଟଙ୍କା ଆଦାୟ କରିବା ପାଇଁ ସେମାନେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି।



ଗୁଇନ୍ଦା ବିଭାଗର ଏପରି ସତର୍କ ସୂଚନା ପରେ ଆକ୍ଟିଭ ମୋଡ୍‌କୁ ଆସିଛି ପାକିସ୍ତାନ ସୁରକ୍ଷା ବଳ। ଆତଙ୍କବାଦୀଙ୍କ ସବୁ ଯୋଜନାକୁ ଭଣ୍ଡୁର କରିବା ପାଇଁ ଉଚ୍ଚସ୍ତରୀୟ ପ୍ରୋଟେକସନ ଟିମ୍‌କୁ ନିୟୋଜିତ କରାଯାଇଛି। ଏମାନଙ୍କ ମଧ୍ୟରେ ପାକିସ୍ତାନ ରେଞ୍ଜର୍ସ ଓ ସ୍ଥାନୀୟ ପୁଲିସ୍ ରହିଛନ୍ତି। ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ଆସିଥିବା ଖେଳାଳି ଓ ସେମାନଙ୍କ ସହ ଆସିଥିବା କର୍ମଚାରୀଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ପାକିସ୍ତାନ ଏପରି ବ୍ୟବସ୍ଥା କରିଛି। ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ବିଦେଶରୁ ଆସିଥିବା କ୍ରିକେଟ ପ୍ରେମୀ ରହୁଥିବା ସ୍ଥାନଗୁଡ଼ିକରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ପୂର୍ବାପେକ୍ଷା ଅଧିକ ସୁଦୃଢ଼ ହୋଇଛି।

ପାକିସ୍ତାନର କ୍ରିକେଟ ଦୁନିଆରେ ଚାମ୍ପିୟନ୍ସ ଟ୍ରଫିର ଆୟୋଜନ ଏକ ଐତିହାସିକ ମାଇଲଖୁଣ୍ଟ। କାରଣ ୧୯୯୬ ପରେ ପାକିସ୍ତାନ କୌଣସି ଆଇସିସି ଇଭେଣ୍ଟର ଆୟୋଜନ କରୁଛି। ଚାମ୍ପିୟନ୍ସ ଟ୍ରଫିକୁ ସୁରକ୍ଷିତ ଭାବେ ଶେଷ କରିବା ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ ଠାରୁ ଆରମ୍ଭ କରି ସରକାର ପୂରା ଦମ୍‌ରେ ଲାଗି ପଡ଼ିଛନ୍ତି। ଚାମ୍ପିୟନ୍ସ ଟ୍ରଫିରେ ଯେମିତି କୌଣସି ପ୍ରକାରର ବିଶୃଙ୍ଖଳା ନ ହେବ, ସେଥିପାଇଁ ସବୁ ପ୍ରକାରର ଧ୍ୟାନ ଦିଆଯାଉଛି। କିନ୍ତୁ ଏବେ ଆତଙ୍କବାଦୀ ଷଡ଼ଯନ୍ତ୍ର ନେଇ ସତର୍କ ସୂଚନା ଜାରି ହେବା ପାକିସ୍ତାନର ଚିନ୍ତାକୁ ବଢ଼ାଇ ଦେଇଛି।

ପାକିସ୍ତାନରେ ବିଦେଶୀ ନାଗରିକଙ୍କୁ ଟାର୍ଗେଟ କରି ଆତଙ୍କବାଦୀ ଆକ୍ରମଣ ହେବାର ନଜିର ରହିଛି। ୨୦୨୪ରେ ସଙ୍ଗଲାରେ ଚାଇନିଜ୍ ନାଗରିକଙ୍କୁ ଟାର୍ଗେଟ କରି ଆତଙ୍କବାଦୀ ଆକ୍ରମଣ କରିଥିଲେ। ସେହିପରି ୨୦୦୯ରେ ପାକସ୍ତାନ ଖେଳିବାକୁ ଯାଉଥିବା ଶ୍ରୀଲଙ୍କାର ଜାତୀୟ ଟିମ୍ ଉପରେ ଲାହୋରରେ ଏକାଧିକ ଆତଙ୍କବାଦୀ ବିଚ୍ ରାସ୍ତାରେ ଆକ୍ରମଣ କରିଥିଲେ। ଏଥିରେ ଶ୍ରୀଲଙ୍କାର ଏକାଧିକ ଖେଳାଳି ଆହତ ବି ହୋଇଥିଲେ।

ଏଥିଯୋଗୁ ଦୀର୍ଘ ବର୍ଷ ଧରି ପାକିସ୍ତାନକୁ ବିଦେଶୀ ଖେଳାଳିମାନେ ଯାଉ ନଥିଲେ। ପାକିସ୍ତାନ ଏଥିଯୋଗୁ ବିଭିନ୍ନ ଦୁଇ ପାକ୍ଷିକ ସିରିଜ୍ ଦୁବାଇରେ ଖେଳୁଥିଲା। ଏବେ ସ୍ଥିତିରେ ସୁଧାର ଆସିଥିବା ପାକିସ୍ତାନ ଗ୍ୟାରେଣ୍ଟି ଦେବା ପରେ ଆଇସିସି ଦେଶକୁ ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରିବାର ଅଧିକାର ଦେଇଛି। ପାକିସ୍ତାନ ମଧ୍ୟ ଏହାକୁ ଆୟୋଜନ କରୁଛି। କିନ୍ତୁ ଏବେ ଆତଙ୍କବାଦୀ ଭୟ ଟୁର୍ଣ୍ଣାମେଣ୍ଟ ଉପରେ ସୃଷ୍ଟି ହୋଇଛି।

# ଦ୍ୱିଶତକ ହାସଲର ୧୫ ବର୍ଷ ପରେ ସଚିନଙ୍କୁ ମିଳିଲା ବଡ଼ ସରପ୍ରାଇଜ୍

**ନୂଆଦିଲ୍ଲୀ**

କ୍ରିକେଟର ଭଗବାନ କୁହା ଯାଉଥିବା ସଚିନ ତେନ୍ଦୁଲକରଙ୍କ ପାଇଁ ଫେବୃୟାରୀ ୨୪ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଦିନ। ଏହି ଦିନ ସେ ଦିନିକିଆରେ ଦ୍ୱିଶତକ ହାସଲ କରିଥିବା ପ୍ରଥମ ବ୍ୟକ୍ତି ହୋଇଥିଲେ। ୨୪ ଫେବୃୟାରୀ ୨୦୨୫ରେ, ସେହି ଐତିହାସିକ ମୁହୂର୍ତ୍ତକୁ ୧୫ ବର୍ଷ ବିତିଗଲାଣି। ଦକ୍ଷିଣ ଆଫ୍ରିକା ଦଳ ବିପକ୍ଷରେ ସଚିନ ତେନ୍ଦୁଲକର ଏହି କୃତିତ୍ୱ ହାସଲ କରିଥିଲେ। ସେ ବର୍ତ୍ତମାନ ଅନ୍ତର୍ଜାତୀୟ ମାଷ୍ଟର୍ସ ଲିଗରେ ଇଣ୍ଡିଆ ମାଷ୍ଟର୍ସ ଦଳର ଅଧିନାୟକ ଅଛନ୍ତି। ଏହି ଲିଗ୍ ସମୟରେ, ସଚିନଙ୍କୁ ସାଥୀ ଖେଳାଳିମାନେ ତାଙ୍କୁ ଏକ ବଡ଼ ସରପ୍ରାଇଜ୍ ଦେଇଥିଲେ। କ୍ରିକେଟ କିମ୍ବଦନ୍ତୀମାନେ ଅନ୍ତର୍ଜାତୀୟ ମାଷ୍ଟର୍ସ ଲିଗରେ ଖେଳୁଛନ୍ତି, ଯେଉଁଥିରେ ସଚିନ ତେନ୍ଦୁଲକରଙ୍କ ନାମ ମଧ୍ୟ ସାମିଲ ଅଛି। ସଚିନ ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ ତାଙ୍କର ଦ୍ୱିଶତକର ୧୫ ବର୍ଷ ପୂରଣର ଉତ୍ସବ ପାଳନ କରିଛନ୍ତି। ଭିଡିଓରେ ଦେଖାଯାଉଛି, ସଚିନ ଅଭ୍ୟାସରୁ ଡ୍ରେସିଂ ରୁମ୍‌କୁ ଫେରୁଥିଲେ, ଏଠାରେ ଯୁବରାଜ ସିଂହଙ୍କ ସମେତ ଅନ୍ୟ ସମସ୍ତ ଖେଳାଳି କେକ୍ ଧରି ତାଙ୍କ ପାଇଁ ଅପେକ୍ଷା କରିଥିଲେ। ଏହା ପରେ ସଚିନ କେକ କାଟି ସମସ୍ତ ଖେଳାଳିଙ୍କୁ ଧନ୍ୟବାଦ ଜଣାଇଥିଲେ। ଭିଡିଓଟି ସେୟାର କରି ସେ ଲେଖିଛନ୍ତି, ପ୍ରଚୁର ପ୍ରେମରେ ପରିପୂର୍ଣ୍ଣ ଏକ ସୁନ୍ଦର ସରପ୍ରାଇଜ୍ ! ଧନ୍ୟବାଦ ଟିମ୍।

# ଭାରତ ଠାରୁ ହାରିବା ପରେ ଚାରି ଆଡୁ ସମାଲୋଚନାର ଶିକାର ହେଉଛି ପାକିସ୍ତାନ

**ନୂଆଦିଲ୍ଲୀ**

ଚାମ୍ପିୟନ୍ସ ଟ୍ରଫିର ସବୁଠାରୁ ବଡ଼ ମୁକାବିଲା ରବିବାର ଶେଷ ହୋଇଛି। ରବିବାର ଦୁବାଇରେ ମୁହାଁମୁହିଁ ହୋଇଥିଲେ ଦୁଇ ଚୀର ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ। ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନର ରେକର୍ଡ ଭଲ ଥିଲେ ହେଁ ଭାରତ ଆଗରେ ଦଳ ରବିବାର ମ୍ୟାଚ୍‌ରେ ଧରାଶାୟୀ ହୋଇଥିଲା। ଫର୍ମ ପାଇଁ ସଂଘର୍ଷ କରୁଥିବା ରନ ମେସିନ ବିରାଟ କୋହଲି ସ୍ମରଣୀୟ ଶତକ ହାସଲ କରିବାରୁ ଭାରତ ସାଢ଼େ ୭ ଓଭର ପୂର୍ବରୁ ପାକିସ୍ତାନକୁ ୬ ୱିକେଟରେ ହରାଇ ଦେଇଥିଲା।

ତେବେ ଭାରତ ଠାରୁ ପୁଣି ଗୋଟିଏ ଆଇସିସି ଇଭେଣ୍ଟରେ ହାରିବା ପରେ ପାକିସ୍ତାନକୁ ଚାରିଆଡୁ ସମାଲୋଚନା ହେବାକୁ ପଡୁଛି। ବିଶେଷ କରି ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫିର ଆୟୋଜନ କରୁଥିବା ବେଳେ ପ୍ରଥମ ଦୁଇଟି ମ୍ୟାଚ୍ ହାରିବା ଘଟଣାକୁ ଫ୍ୟାନ୍ସ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ପାକିସ୍ତାନ ଟିମ୍ ଓ ଏହାର ଖେଳାଳିଙ୍କୁ ପୂର୍ବତନ କ୍ରିକେଟରଙ୍କ ଠାରୁ ଆରମ୍ଭ କରି ଫ୍ୟାନ୍ସ ଛି ଛି କରିବାରେ ଲାଗିଛନ୍ତି।

କିଛି ଫ୍ୟାନ୍ସ ପାକିସ୍ତାନ ପରାଜୟକୁ ସହଜରେ ଗ୍ରହଣ ନ କରିପାରି କାନ୍ଦି ପକାଇଛନ୍ତି। ସେମାନେ ନିଜର ନିରାଶା ଭାବ ମଧ୍ୟ ପ୍ରଦର୍ଶନ କରିଛନ୍ତି। ପାକିସ୍ତାନ ଟିମ୍ ତୁଳନାରେ ଭାରତୀୟ ଦଳ ବହୁତ ଆଗରେ ରହିଛି। ପାକିସ୍ତାନ ଟିମ୍ ପୂରା ଚାପ ଓ ଭୟରେ ମ୍ୟାଚ୍ ଖେଳିଛି। ପାକିସ୍ତାନ ଖେଳାଳିଙ୍କ ମଧ୍ୟରେ ଜିତିବାର ଜୋଶ ଆଦୌ ନଥିଲା ବୋଲି ଫ୍ୟାନ୍‌ମାନେ କହିଛନ୍ତି।

ପାକିସ୍ତାନର ପୂର୍ବତନ କ୍ରିକେଟରମାନେ ନିଜ ଦେଶର ଖେଳାଳିଙ୍କୁ ସମାଲୋଚନା କରିବାକୁ ଆଦୌ ପଛାଇ ନାହାନ୍ତି। ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ଶୋଏବ ଅଖତର ଓ କିମ୍ବଦନ୍ତୀ କ୍ରିକେଟର ୱାସିମ ଆକ୍ରମ ପରାଜୟ ପାଇଁ ସିଧାସଳଖ ପାକିସ୍ତାନ ଟିମ୍ ମ୍ୟାନେଜମେଣ୍ଟକୁ ତୀବ୍ର ସମାଲୋଚନା କରିଛନ୍ତି। ଭାରତ ଠାରୁ ହାରିବା ପରେ ପାକିସ୍ତାନ ଚାମ୍ପିୟନ୍ସ



ଟ୍ରଫିକୁ ଏକ ପ୍ରକାରର ବିଦାୟ ନେବା ନିଶ୍ଚିତ ହୋଇଛି। ଏଥିପାଇଁ ସମସ୍ତେ ଟିମ୍‌କୁ ଆହୁରି ଜୋରରେ ଗାଳି ଦେଉଛନ୍ତି।

ପରାଜୟ ଯୋଗୁ ଅଖତର ପୂରା ଭାଙ୍ଗି ପଡ଼ିଛନ୍ତି। ସେ ପାକିସ୍ତାନ ଟିମ୍ ଉପରେ ନିଜର ଅସନ୍ତୋଷ ଝାଡ଼ିଛନ୍ତି। ସେ କହିଛନ୍ତି, "ମୋତେ ଟଙ୍କା ଦିଆଯାଇ ନଥିଲେ ମଧ୍ୟ ମୁଁ ପାକିସ୍ତାନ କ୍ରିକେଟ ବିଷୟରେ କିଛି ବି କହି ନଥାଆନ୍ତି। ସତ କଥା ହେଉଛି ଯେ ସେମାନଙ୍କ ସହ ମୋର କିଛି ବି ସମ୍ପର୍କ ନାହିଁ। ମୋତେ ଏଠାକୁ ଆସିବାକୁ ଅନୁରୋଧ କରାଯାଇଥିଲା ଓ ମୁଁ ଆସିଛି। ସେମାନଙ୍କ ସମ୍ପର୍କରେ କିଛି ଖରାପ କହିବାର ଏଜେଣ୍ଡା ମୋର ନାହିଁ। କାହିଁକି ମୁଁ ମୋର ସମୟ ନଷ୍ଟ କରିବି ?"

ଅଖତର ନିଜ ଭିଡିଓ ବାର୍ତ୍ତାରେ ପାକିସ୍ତାନ ଟିମ୍ ମ୍ୟାନେଜମେଣ୍ଟକୁ ତୀବ୍ର ସମାଲୋଚନା କରି ବ୍ରେନଲେସ ଓ କ୍ଲୁଲେସ ବୋଲି କହିଛନ୍ତି। ସେ କହିଛନ୍ତି, "ଆପଣମାନେ ଦୁଇ ଜଣ ଅଲରାଉଣ୍ଡରଙ୍କ ସହ ମ୍ୟାଚ୍ ଖେଳୁଛନ୍ତି। କିନ୍ତୁ ଏହା କେବଳ ବ୍ରେନଲେସ ଓ କ୍ଲୁଲେସ ମ୍ୟାନେଜମେଣ୍ଟ। ମୁଁ ପୂରା ମର୍ମାହତ। ପୂରା ବିଶ୍ୱ ୬ ଜଣ ବୋଲରଙ୍କୁ ନେଇ ଖେଳୁଥିବା ବେଳେ ପାକିସ୍ତାନ ୫ ଜଣଙ୍କୁ ଧରି ମୈଦାନକୁ ଓହ୍ଲାଉଛି।

ଦଳରେ ନେତୃତ୍ୱର ଅଭାବ ରହିଛି। ଆପଣ କେବେହେଲେ ଯୁବ ଖେଳାଳିଙ୍କୁ ଦୋଷ ଦେଇ ପାରିବେ ନାହିଁ। ସେମାନେ ଟିମ୍ ମ୍ୟାନଜେମେଣ୍ଟ ଭଳି। ସେମାନେ କ'ଣ କରିବେ ନିଜେ ଜାଣିନାହାନ୍ତି। ରୋହିତ ଶର୍ମା, ବିରାଟ କୋହଲି ଓ ଶୁବମନ ଗିଲ୍‌ଙ୍କ ଭଳି ସ୍କିଲ୍ ସେମାନଙ୍କ ପାଖରେ ନାହିଁ। ସେମାନେ କିଛି ବି ଜାଣିନାହାନ୍ତି। ମ୍ୟାନେଜମେଣ୍ଟ ମଧ୍ୟ କିଛି ଜାଣିନି। ଦଳ କ'ଣ କରିବ, ସେକଥା ମଧ୍ୟ କେହି ଜାଣି ନାହାନ୍ତି।"

ୱାସିମ ଆକ୍ରମ ବି ଅଖତରଙ୍କ କଥାରେ ଏକମତ ହୋଇଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡକୁ ସେ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଆକ୍ରମ କହିଛନ୍ତି, "ବର୍ଷ ବର୍ଷ ଧରି ଆମେ ପ୍ରାଚୀନ କ୍ରିକେଟ ଧଳା ବଲ ମ୍ୟାଚ୍‌ର ଖେଳିଆସୁଛୁ। ଏଥିରେ ପରିବର୍ତ୍ତନ ଆବଶ୍ୟକ। ଦୁର୍ଦ୍ଦଶ କ୍ରିକେଟର ଓ ଯୁବକମାନଙ୍କୁ ଟିମ୍‌କୁ ଆଣନ୍ତୁ। ଯଦି ଏଥିପାଇଁ ଆପଣଙ୍କୁ ୫ରୁ ୬ ପରିବର୍ତ୍ତନ ଦରକାର, ତା'ହେଲେ କରନ୍ତୁ। ଆପଣଙ୍କୁ ୬ ମାସ ଯାଏ ହାରିବାକୁ ପଡ଼ିବ। କିନ୍ତୁ ଏବେଠାରୁ ୨୦୨୬ ଟି-୨୦ ବିଶ୍ୱକପର ପାଇଁ ଟିମ୍ ତିଆରି କରନ୍ତୁ।"

ପାକିସ୍ତାନ ବୋଲିଂ ମଧ୍ୟ ଏବେ ଚିନ୍ତାର ବିଷୟ ବୋଲି ଆକ୍ରମ କହିବା ସହ ଆଶ୍ଚର୍ଯ୍ୟ କରିବା ଭଳି ତଥ୍ୟ ଦେଇଛନ୍ତି। ସେ କହିଛନ୍ତି, "ବହୁତ ହୋଇଗଲା। ଆପଣ ସେମାନଙ୍କୁ ଷ୍ଟାର କରିଛନ୍ତି। କିନ୍ତୁ ଶେଷ ୫ ଦିନିକିଆରେ ପାକିସ୍ତାନ ବୋଲରମାନେ ୬୦ ହାରରେ କେବଳ ୨୪ଟି ୱିକେଟ ନେଇଛନ୍ତି। ଏହାର ଅର୍ଥ ୬୦ ରନରେ ଗୋଟିଏ ୱିକେଟ। ଆମର ଆଭରେଜ ଓମାନ ଓ ଆମେରିକା ଠାରୁ ଖରାପ। ଦିନିକିଆ ଖେଳୁଥିବା ୧୪ଟି ଦଳ ମଧ୍ୟରୁ ପାକିସ୍ତାନର ବୋଲିଂ ହାର ସବୁଠାରୁ ଖରାପ।"

ଆକ୍ରମ ଭାରତ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନର ଚୂଡ଼ାନ୍ତ ଏକାଦଶର ଚୟନକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ ମୁଖ୍ୟ ମୋହସିନ ନକ୍‌ଭୀ ଦଳର ଦୁର୍ବଳତାକୁ ଅଣଦେଖା କରିଥିବା ଆକ୍ରମ ମତ ରଖିଛନ୍ତି।

କେବଳ ଆକ୍ରମ କିମ୍ବା ଅଖତର ନୁହନ୍ତି ଆହୁରି ଅନେକ ପୂର୍ବତନ କ୍ରିକେଟ ମଧ୍ୟ ପାକିସ୍ତାନ ଟିମ୍‌କୁ ତୀବ୍ର ସମାଲୋଚନା କରିଛନ୍ତି। ପାକିସ୍ତାନ ଫ୍ୟାନ୍ସ ମଧ୍ୟ ନିଜର ନିରାଶା ଭାବ ପ୍ରଦର୍ଶନ କରିଛନ୍ତି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଠାରୁ ହାରିବା ପରେ ପାକିସ୍ତାନ ଫ୍ୟାନ୍ସ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସେମାନେ ନା କୋହ ସମ୍ଭାଳି ପାରିଛନ୍ତି ନା ନିଜର ଅସନ୍ତୋଷକୁ ମନ ଭିତରେ ରଖି ପାରିଛନ୍ତି।

ସେମାନେ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ନିଜ ଦେଶର ଟିମ୍‌କୁ ସାମାଲୋଚନା କରିଛନ୍ତି। ପାକିସ୍ତାନ ଫ୍ୟାନ୍ସ ଟିମ୍ ଇଣ୍ଡିଆକୁ ପ୍ରଶଂସା କରିବାକୁ ବି ପଛାଇ ନାହାନ୍ତି। ସେମାନେ ପାକିସ୍ତାନ ଟିମ୍‌ର ଖେଳିଙ୍କ ଫିଟ୍‌ନେସ ଉପରେ ପ୍ରଶ୍ନ ଉଠାଇଛନ୍ତି।


ପୌରପରିଷଦ କାର୍ଯ୍ୟାଳୟ : ଝାରସୁଗୁଡ଼ା C-1725
MUNICIPAL OFFICE : JHARSUGUDA.
No. 712 /JM Dt. 21.02.2025
e-Mail : jsgmunicipality@yahoo.com, jharsugudam.hud@nic.in Fax: 06645-273019., ☎ : 06645-273019

TENDER CALL NOTICE

Sealed tenders are invited from intending reputed authorized suppliers / dealers/ agencies for supply of 03 (three) and more number of drinking water movable tank for use of Jharsuguda Municipality as per specification given below up to 12.00 Noon till dt. 06.03.2025 and the same will be opened on the same date at 12.30 PM in the office chamber of the undersigned in presence of quotationer or their authorized agents. The participants should quote the price both in words and figures and produced in their office letter head with documents of their agency/ farm/ dealership. The participants should deposit non-refundable of INR Rs. 3000.00 (Rupees Three thousand) only as security in shape of any nationalized bank demand draft in favour of Executive Officer, Jharsuguda Municipality. The price should be quoted including all taxes applicable and other charges as applicable.

The proposals received after the due date and time will not be entertain and the undersigned reserves all the rights to accept or reject all / any proposal without assigning any reason thereof.

SPECIFICATION:

(1) Tank load capacity- 4000 to 4500 liter. (2) Tank body- Zinc sheet. (3) Tank wheel - 04 wheel momentums. (4) Tank inlet-02 upper cap system. (5) Tank outlet-backside four nozzle / tapping system. (6) Performance warranty- 3 years (minimum)

Sd/- Executive Engineer
Jharsuguda Municipality
OIPR-13165/11/0046/2425

GOVERNMENT OF ODISHA eerwbnjr@gmail.com
OFFICE OF THE SUPERINTENDING ENGINEER O-1534
RURAL WORKS DIVISION, BHANAJNGAR
NATIONAL COMPETITIVE BIDDING THROUGH e-Procurement
Identification No. Online Tender/14/RWDBNJ/2024-2025
Ltr. No. 1579 Date:- 18.02.2025

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / RWDBNJ/14/ 2024-2025 | Building Works | 31(Thirty-One) Nos. | 50.00 Lakhs to 50.84 Lakhs | "B" Class as applicable | 09 (Nine) Calendar months |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/14/ RWDBNJ/ 2024-2025 | 25.02.2025 at 10.00 A.M. | 13.3.2025 upto 3.00 P.M. |

Further details can be seen from the website: - www.tendersodisha.gov.in

Sd/- Additional Chief Engineer
R.W. Division, Bhanjanagar
OIPR-25174/11/0020/2425

OFFICE OF THE CHIEF EXECUTIVE, RPRC, BHUBANESWAR MM-500
(e-mail Id: rprcbbsr@gmail.com), Tel-(0674)-2557925
No-T/09/ 360 /RPRC Date: 24.02.2025
REQUEST FOR PROPOSAL
BId Identification No. RPRC/ 24 / 2024-25

The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt, of Odisha invites RFP for Architectural Consultancy Service for "Survey, Concept Design and DPR preparation of Bonsai Garden at RPRC, Bhubaneswar" from eligible bidders though e-tendering process in two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in / e-portal https://rprc.ewizard.in. The bid calendar under the end-to-end process are-

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening of (Technical Bid) |
|---|---|---|---|---|
| | | From | To | |
| 12,000/- (online) | 6,000.00 (On line) | 25.02.2025 / 10.00 A.M. | 11.03.2025/ 10.00 A.M. | 11.03.2025/ 11.30 A.M. |

Addendum/ Corrigendum/ Cancellation, if any, will be published In RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For New Bidders). For any other queries regarding registration & online tender submission contact to: Mr. Shivendra Kumar, Mobile- 9355030613 and Jitesh Kumar, Mobile- 9355030604, e-mail: eprochelpdesk.101@gmail.com.

Sd/- Chief Executive
RPRC, Bhubaneswar
OIPR-08004/11/0024/2425


## ଚିରଞ୍ଜିତ ରାଜଗୁରୁ ସ୍ମାରକୀ ଫଟାଫଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଚିତା ଏକାଦଶକୁ ପରାସ୍ତ କରି ଜନତା ଗ୍ୟାରେଜ ଦଳ ଚାମ୍ପିଅନ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଯୁବ ସାମ୍ବାଦିକ ତଥା ଆଇନଜୀବୀ ସ୍ୱର୍ଗତ ଚିରଞ୍ଜିତ ରାଜଗୁରୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଥମ ଚିରଞ୍ଜିତ ରାଜଗୁରୁ ସ୍ମାରକୀ ଦିନିକିଆ ଫଟାଫଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ରୟଲ ଷ୍ଟ୍ରାଇକର୍ସ କ୍ରିକେଟ ଟିମ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଜନତା ଗ୍ୟାରେଜ ଦଳ ଚାମ୍ପିଅନ୍ ହୋଇଛି। ୬ ଓଭର ବିଶିଷ୍ଟ ସିମୀତ ଓଭର ଟେନିସ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ତଥା ପଡ଼ୋଶୀ ଆନ୍ଧ୍ର ପ୍ରଦେଶରୁ ଭାସ୍କର ଏକାଦଶ, କମଳାପୁର ଏକାଦଶ, ଲାୟନ୍ସ ଏକାଦଶ, ଚିତା ଏକାଦଶ, ଜନତା ଗ୍ୟାରେଜ୍, ଏମଏସସିଟି, ମହାଲକ୍ଷ୍ମୀ ଓ ଏଫ୍‌ସିସି ଭଳି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବ୍ରହ୍ମପୁର ଅତିରିକ୍ତ ଏସପି କାଳି ପ୍ରସାଦ ବୁରୁଦା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଚିରଞ୍ଜିତ ରାଜଗୁରୁଙ୍କ ସୁପୁତ୍ରି ଆହାନା ରାଜଗୁରୁ ଓ ଝିଆରି ଆସମସା ରାଜଗୁରୁ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଜନତା ଗ୍ୟାରେଜ୍ ବନାମ କମଳାପୁର ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ଜନତା ଗ୍ୟାରେଜ୍ ଦଳ ୫୫ରନ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ବ୍ରିଟିଶ ୧୬ଟି ବଲରେ ଦ୍ରୁତ ୪୬ ରନ୍ ସଂଗ୍ରହ କରି ମ୍ୟାନ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିଭଳି ଚିତା ଏକାଦଶ ବନାମ ଏଫ୍‌ସିସି ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଚିତା ଏକାଦଶ ଦଳ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୮ରନ୍‌ରେ ବିଜୟୀ ହୋଇଥିଲା। ଚିତା ଦଳର ଲିଙ୍ଗା ୧୫ଟି ବଲରେ ଦ୍ରୁତ ୪୨ରନ୍ କରି ଦଳକୁ ଫାଇନାଲରେ ପ୍ରବେଶ କରିବାରେ ସହାୟକ ହୋଇଥିଲେ। ଫାଇନାଲ ମ୍ୟାଚ୍ ଜନତା ଗ୍ୟାରେଜ ଓ ଚିତା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମୟ ଅଭାବରୁ ଫାଇନାଲ ମ୍ୟାଚ ୬ ଓଭର ପରିବର୍ତ୍ତେ ୪ଓଭର ବିଶିଷ୍ଟ କରାଯାଇଥିଲା। ୪ ଓଭର ବିଶିଷ୍ଟ ଏହି ଫାଇନାଲ ମ୍ୟାଚରେ ଜନତା ଗ୍ୟାରେଜ ଦଳ ୨୬ରନ୍‌ରେ ଚିତା ଏକାଦଶକୁ ପରାସ୍ତ କରି ପ୍ରଥମ ଚିରଞ୍ଜିତ ରାଜଗୁରୁ ସ୍ମାରକୀ ଫଟାଫଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ହୋଇଥିଲା। ଦଳ ପକ୍ଷରୁ ସତୀଶ ୭ଟି ବଲରୁ ୧୩ ରନ୍ ସଂଗ୍ରହ କରିବା ସହ ଗୋଟିଏ ଓଭର ବୋଲିଂ କରି ୮ରନ୍ ବିନିମୟରେ ଦୁଇଟି ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ଚିତା ଏକାଦଶ ଦଳର ଲିଙ୍ଗା ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଜନତା ଗ୍ୟାରେଜ ଦଳର ସତୀଶ ଶ୍ରେଷ୍ଠ ବୋଲର ଓ ଚିତା ଦଳର ଲିଙ୍ଗାଙ୍କୁ ମ୍ୟାନ ଅଫ ଦ୍ ସିରିଜ୍ ଭାବେ ପୁରସ୍କୃତ କରାଯାଇଥିଲା। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ଆର. ମୂରଲୀ ମୋହନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ୱର୍ଗତ ଚିରଞ୍ଜିତ ରାଜଗୁରୁଙ୍କ ବଡ଼ଭାଇ ତଥା ଦୈନିକ ସକାଳ ଖବର କାଗଜର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ଯୁବ ଉଦ୍ୟୋଗୀ ସଚ୍ଚିଦାନନ୍ଦ ଦାଶ, ନିର୍ମଳ ପାଢୀ, ରାଜେଶ କୁମାର ସାହୁ, ସୀମାଞ୍ଚଳ ଶତପଥୀ, ସୁରେଶ ଚନ୍ଦ୍ର ପାଢୀ ଓ ସାମ୍ବାଦିକ ସୁଦୀପ ସାହୁ ଅତିଥି ଭାବେ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାର ବିଜେତା ବା ଚାମ୍ପିଅନ ଜନତା ଗ୍ୟାରେଜ ଦଳକୁ ଟ୍ରଫି ସହିତ ନଗଦ ୩୦ହଜାର ଆର୍ଥିକ ପୁରସ୍କାର ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ୨୦ ହଜାର ନଗଦ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଏହି ପ୍ରତିଯୋଗିତାକୁ ବ୍ୟାପକ ଭାବେ ଆୟୋଜନ କରାଯିବାକୁ ଆୟୋଜକମାନେ ଘୋଷଣା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଅନଲାଇନରେ ସିଧାପ୍ରସାରଣ କରାଯାଇଥିବା ବେଳେ ବହୁ ଦର୍ଶକ ଏହି ଫଟାଫଟ୍ କ୍ରିକେଟ ଖେଳକୁ ଉପଭୋଗ କରିଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଫେବୃୟାରୀ ୨୦୨୫ ମଙ୍ଗଳବାର








ଭୁବନେଶ୍ୱର : ଜୟଦେବ ଭବନରେ ଗଳ୍ପ ପତ୍ରିକା 'କଥା'ର ୩୮ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟଅତିଥି ତଥା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ନିକଟରେ ଉପସ୍ଥିତ ଅଛନ୍ତି ପ୍ରଖ୍ୟାତ କଥାକାର ଗୌରହରି ଦାସ, ବିଶିଷ୍ଟ ସ୍ତମ୍ଭକାର ଆନନ୍ଦ ନୀଳକାନ୍ତନ ଏବଂ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

## ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମ ଲାଲ୍ଲାଙ୍କ ଦର୍ଶନ କଲେ ମୁକେଶ ମହାଲିଙ୍ଗ


**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମ ଲଲ୍ଲାଙ୍କ ଦର୍ଶନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଏକ୍ସ ହ୍ୟାଣ୍ଡେଲରେ ମନ୍ତ୍ରୀ କହିଛନ୍ତି ଯେ, ଶ୍ରୀରାମ ଜନ୍ମଭୂମି ମନ୍ଦିର ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମ ଲଲ୍ଲାଙ୍କ ଦର୍ଶନ କରି ଧନ୍ୟ ଅନୁଭବ କରୁଛି। ଏହି ଭବ୍ୟ ମନ୍ଦିରଟି କେବଳ ଏକ ଧାର୍ମିକ ପ୍ରତିଷ୍ଠାନ ନୁହେଁ, ବରଂ ଏହା ଭାରତୀୟ ସଂସ୍କୃତି, ଆସ୍ଥା, ଆଧ୍ୟାତ୍ମିକତା ଏବଂ ଏକତାର ପ୍ରତୀକ।

## ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୫ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୧୬ ମସିହାରୁ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆର୍ଥିକ ସାକ୍ଷରତା ସପ୍ତାହ (ଏଫଏଲଡବ୍ଲୁ) ପାଳନ କରିଆସୁଛି। ଚଳିତ ବର୍ଷ ଆର୍ଥିକ ସାକ୍ଷରତା ସପ୍ତାହ ଫେବ୍ରୁୟାରୀ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ଯାହା କି ଏହି ଅଭିଯାନର ଦଶମ ସଂସ୍କରଣ ଅଟେ । ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବିଚାରକୁ ନେଇ ଏଫଏଲଡବ୍ଲୁ ୨୦୨୫ ର ବିଷୟବସ୍ତୁ ଆର୍ଥିକ ବୁଦ୍ଧିମତା ଯାହାରି, ସେ ସମୃଦ୍ଧ ନାରୀ ରଖାଯାଇଛି । ଏହି ଅଭିଯାନରେ ଗୃହିଣୀ, କର୍ମଜୀବୀ ମହିଳା ଏବଂ ମହିଳା ଉଦ୍ୟୋଗୀଙ୍କ ଉପରେ ବିଶେଷ ଧ୍ୟାନ ଦେଇ ଆର୍ଥିକ ଯୋଜନା ସଞ୍ଚୟ ଏବଂ ରିସ୍କ ପରିଚାଳନା ଏବଂ ଅଭିବୃଦ୍ଧି ପାଇଁ ଋଣ ନେବା ଉପରେ ଗୁରୁତ୍ୱ ଦିଆଯାଇଛି । ଆରବିଆଇ ପ୍ରମୁଖ ଟେଲିଭିଜନ, ରେଡିଓ ଚ୍ୟାନେଲ ଏବଂ ସୋସିଆଲ ମିଡିଆ ଚ୍ୟାନେଲ ମାଧ୍ୟମରେ ଏଫଏଲଡବ୍ଲୁ ୨୦୨୫ ର ବାର୍ତ୍ତା ଉପରେ ଏକ କେନ୍ଦ୍ରୀଭୂତ ଗଣମାଧ୍ୟମ ଅଭିଯାନ କରୁଅଛି। ଆରବିଆଇ ଭୁବନେଶ୍ୱର ପକ୍ଷରୁ ଏଫଏଲଡବ୍ଲ୍ୟୁ ୨୦୨୫ ର




ଉଦଘାଟନୀ ଉତ୍ସବ ୨୪ ଫେବୃଆରୀ ୨୦୨୫ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ରେ ଆରବିଆଇ ଭୁବନେଶ୍ୱରର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ ମହାନ୍ତି ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ନିଜ ଅଭିଭାଷଣରେ ସେ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ଆର୍ଥିକ ଅନ୍ତର୍ଭୂକ୍ତିକରଣ ରେ ମହିଳାଙ୍କ ବହୁମୁଖୀ ଭୂମିକାକୁ ଦୃଷ୍ଟିରେ ରଖି ସେମାନଙ୍କ ଆର୍ଥିକ ସାକ୍ଷରତାର ପ୍ରାଥମିକତା ଉପରେ ଆଲୋକପାତ କରିଥିଲେ । ଆରବିଆଇର ମହାପ୍ରବନ୍ଧକ ଶ୍ରୀମତୀ ଅନିତା ପଟ୍ଟନାୟକ ସମାବେଶକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଏସ୍ କେ ତାଲୁକଦାର, ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ଡିଆଇଏଫ୍ ଡ. ପ୍ରଜ୍ଞାସ୍ମିତା ସାହୁ ଏବଂ ମହାପ୍ରବନ୍ଧକ ତଥା ଏସଏଲବିସି ଆବାହକ ଶ୍ରୀ ଗୌତମ ପାତ୍ର ମଧ୍ୟ ଉପସ୍ଥିତ ଥିଲେ। ଉଦଘାଟନୀ ଉତ୍ସବରେ ରିଜର୍ଭ ବ୍ୟାଙ୍କ, ରାଜ୍ୟ ସରକାର, ନାବାର୍ଡ, ସିଡ୍‌ବି ଏବଂ ବିଭିନ୍ନ ବ୍ୟାଙ୍କ ର ବରିଷ୍ଠ ଅଧିକାରୀ ତଥା ପ୍ରତ୍ୟେକ ଟାର୍ଗେଟ୍ ଗ୍ରୁପ (ଗୃହିଣୀ, କର୍ମଜୀବୀ ମହିଳା ଓ ମହିଳା ଉଦ୍ୟୋଗୀ) ର ପ୍ରତିନିଧିମାନେ ଉପସ୍ଥିତ ଥିଲେ। । ଏହି କାର୍ଯ୍ୟକ୍ରମରେ ମହିଳା ଟାର୍ଗେଟ ଗ୍ରୁପ ଗୁଡ଼ିକ ମଧ୍ୟରେ ଆର୍ଥିକ ସଚେତନତା ସୃଷ୍ଟି କରିବାର ବିଷୟବସ୍ତୁ ଏବଂ ଉପାୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଫଏଲଡବ୍ଲୁ ୨୦୨୫ ର ବିଷୟବସ୍ତୁ ଏବଂ ଉପ-ବିଷୟବସ୍ତୁ ଉପରେ ଆଲୋକପାତ କରି ଏକ ନୁକ୍କଡ ନାଟକ ମଧ୍ୟ ପରିବେଷଣ କରାଯାଇଥିଲା। ଏହି ସପ୍ତାହରେ ଆରବିଆଇ ଭୁବନେଶ୍ୱର ବିଭିନ୍ନ ବ୍ୟାଙ୍କ ଏବଂ ଅନ୍ୟ ଅଂଶୀଦାରଙ୍କ ସହଯୋଗରେ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବ।

## ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲଙ୍କୁ 'ବିଜନେସ୍ ଲିଡର ଅଫ୍ ଦି ଡିକେଡ୍' ଆୱାର୍ଡ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜେଏସଡବ୍ଲ୍ୟୁ ଗ୍ରୁପକୁ ଏକ ବିଶ୍ୱସ୍ତରୀୟ ସଙ୍ଗଠନରେ ପରିଣତ କରିବାରେ ପରିବର୍ତ୍ତନକାରୀ ନେତୃତ୍ୱ ପାଇଁ ଜେଏସଡବ୍ଲ୍ୟୁ ଗ୍ରୁପର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲଙ୍କୁ ପଞ୍ଚଦଶ ଏଆଇଏମଏ ମ୍ୟାନେଜିଂ ଇଣ୍ଡିଆ ଆୱାର୍ଡସ୍‌ରେ ସମ୍ମାନଜନକ 'ବିଜନେସ୍ ଲିଡର ଅଫ୍ ଦି ଡିକେଡ୍' ସମ୍ମାନରେ ସମ୍ମାନିତ କରାଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ବାଣିଜ୍ୟ ଓ ଶିଳ୍ପ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦଙ୍କ ଉପସ୍ଥିତିରେ ଶ୍ରୀ ଜିନ୍ଦଲଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। କେପିଏମଜି ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ୟେଜ୍‌ଦି ନାଗପୋରୱାଲା ଏହି ପ୍ରଶଂସାପତ୍ର ପାଠ କରିଥିଲେ। ଶ୍ରୀ ଜିନ୍ଦଲଙ୍କ ନେତୃତ୍ୱରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି ଯାହା ଏହାର ରାଜସ୍ୱ ଦୁଇଗୁଣରୁ ଅଧିକ ୨୪ ବିଲିୟନ ଆମେରିକୀୟ ଡଲାରରେ ପହଂଚିଛି। ତାଙ୍କର ରଣନୈତିକ ଦୃଷ୍ଟିକୋଣ ଯୋଗୁଁ ଜେଏସଡବ୍ଲ୍ୟୁ ଏହାର ବାର୍ଷିକ ଇସ୍ପାତ ଉତ୍ପାଦନ କ୍ଷମତାକୁ ପ୍ରାୟ ତିନିଗୁଣ ବୃଦ୍ଧି କରି ୩୯ ନିୟୁତ ଟନ୍‌ରେ ପହଞ୍ଚାଇଛି ଏବଂ ଅକ୍ଷୟ ଶକ୍ତି ଏବଂ ସିମେଣ୍ଟ ଉତ୍ପାଦନ କ୍ଷେତ୍ରରେ ଏହି ଗ୍ରୁପ୍‌କୁ ଏକ ପ୍ରମୁଖ ଶକ୍ତି ଭାବରେ ପ୍ରତିଷ୍ଠା କରିଛି। ଭାରତର ଭିତ୍ତିଭୂମି ଆଧୁନିକୀକରଣ ପଦକ୍ଷେପ ସହିତ ଜେଏସଡବ୍ଲ୍ୟୁ ଗ୍ରୁପକୁ ଯୋଡ଼ିବାରେ ଶ୍ରୀ ଜିନ୍ଦଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି ପୁରସ୍କାର ସ୍ୱୀକୃତି ପ୍ରଦାନ




କରିଛି। ତାଙ୍କ ନେତୃତ୍ୱରେ ଜେଏସଡବ୍ଲ୍ୟୁ ଭାରତର ବନ୍ଦର କ୍ଷେତ୍ରରେ ଦ୍ୱିତୀୟ ବୃହତମ ଘରୋଇ କମ୍ପାନି ଭାବେ ଉଭା ହୋଇଥିବା ବେଳେ ଅନ୍ତର୍ଜାତୀୟ ଭାଗିଦାରୀ ମାଧ୍ୟମରେ ଇଲେକ୍ଟ୍ରିକ୍ ଯାନ ଏବଂ ସାମରିକ ଡ୍ରୋନ୍ ସମେତ ଭବିଷ୍ୟତ ଭିତିକ କ୍ଷେତ୍ରରେ ମଧ୍ୟ ପ୍ରବେଶ କରିଛି। ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନ (ଏଆଇଏମଏ) ମ୍ୟାନେଜିଂ ଇଣ୍ଡିଆ ଆୱାର୍ଡସ ଭାରତର ବ୍ୟବସାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ପାଳନ କରିଥାଏ। ଏହି ଐତିହାସିକ ୧୫ତମ ସଂସ୍କରଣ ପାଇଁ ଏହି ସମାରୋହରେ ବିଶିଷ୍ଟ ପୁରସ୍କାର ବିଜେତା, ଶିଳ୍ପପତି ଏବଂ ଏଆଇଏମଏ କର୍ମକର୍ତ୍ତାମାନେ ଏକାଠି ହୋଇଥିଲେ।

## 'ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ' ଶୀର୍ଷକ ଆନ୍ତର୍ଜାତିକ ଆଲୋଚନା ଚକ୍ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶ୍ରୀଜଗନ୍ନାଥ ଭକ୍ତ ସମାଜ ତରଫରୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ଶୀର୍ଷକ ଏକ ଆନ୍ତର୍ଜାତିକ ଆଭାସୀ ଆଲୋଚନା ଚକ୍ର ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଶଂକର୍ଷଣ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ତଥା ଦେଶର ବିଭିନ୍ନ ରାଜ୍ୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ ମାନେ ଯୋଗଦାନ କରି ଶ୍ରୀଜଗନ୍ନାଥ କଥାମୃତ ପାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ମନ୍ଦିର ପୁରୋହିତ ପ୍ରଫେସର ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର




ଶ୍ରୀଜଗନ୍ନାଥ ହିଁ ପୁରୁଷୋତ୍ତମ ତାଙ୍କର ମହିମା ଅପାର ସେ ସର୍ବ ନିୟନ୍ତା, ସର୍ବ ଧର୍ମ ସମନ୍ୱୟର ପ୍ରତୀକ କହିବା ସହ ଶ୍ରୀକ୍ଷେତ୍ରର ଐତିହାସିକ ତଥ୍ୟକୁ ଲୋକ ଲୋଚନକୁ ଆଣିବା ଆବଶ୍ୟକ ବୋଲି ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଡ୍.ନାରାୟଣ ମହାପାତ୍ର, ଡ୍.ବାବାଜୀ ଚରଣ ଦାଶ୍, ପ୍ରଫେସର ସତ୍ୟନାରାୟଣ ଦାଶ, ଇସ୍କନ ମାୟାପୁରରୁ ବାବାଜୀ ଭକ୍ତ ପୁରୁଷୋତ୍ତମ ଦାସ୍,ଅଧ୍ୟାପିକା କଲ୍ୟାଣୀ ନନ୍ଦି, ଦିଲ୍ଲୀ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ତଥା ପଶ୍ଚିମବଙ୍ଗର ଅନେକ ଭକ୍ତ ଯୋଗଦାନ କରିଥିଲେ। ଗୀତିକାର ଭାରତୀ ଭୂଷଣ ପଟ୍ଟନାୟକ ଗୀତଗୋବିନ୍ଦ ଗାନ, ପଣ୍ଡିତ ଆଲୋକ ଚନ୍ଦ୍ର ମିଶ୍ର ବେଦପାଠ କରିଥିଲେ। ଉପ-ସଭାପତି ଡ.ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ, ସଂପାଦକ ଡ୍ ଶଶିକାନ୍ତ ରଥ ସଭା ପରିଚାଳନା କରିଥିଲେ। ଡ୍. ଆଲୋକ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ ଭକ୍ତ ଯୋଗଦାନ କରି କଥାମୃତ ପାନ କରିଥିଲେ।

## ମିଥ୍ୟା ଜାତିଗତ ପ୍ରମାଣପତ୍ର ଦାଖଲ ଅଭିଯୋଗ

## ମନ୍ତ୍ରୀମଣ୍ଡଳରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ବହିଷ୍କାର ଦାବି କଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ନାଁରେ ମିଥ୍ୟା ଜାତିଗତ ସାର୍ଟିଫିକେଟ ଦେଇ ସରକାରୀ ଚାକିରୀ ହାସଲ କରିଥିବା ଭଳି ଗୁରୁତର ଅଭିଯୋଗ କରି ବିଜୁ ଜନତା ଦଳ ମନ୍ତ୍ରୀ ମଣ୍ଡଳରୁ ତାଙ୍କୁ ବହିଷ୍କାର ଦାବି କରିଛି। ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ବିଧାୟକ ପ୍ରଦୀପ ଦିଶାରୀ କହିଥିଲେ, ଶ୍ରୀ ମହାଲିଙ୍ଗ ସ୍କୁଲରେ ପଢିବା ସମୟରେ ୧୯୭୮ ମସିହାରେ ଓ ରାଜ୍ୟ ସରକାରଙ୍କ ସଂସ୍ଥା ରାଜ୍ୟ ପ୍ରଦୂଷଣ ବୋର୍ଡରେ ୧୯୮୯ ମସିହାରେ ଆସିଷ୍ଟାଣ୍ଟ ସାଇଣ୍ଟିଫିକ ଅଫିସର ଭାବେ ଯୋଗ ଦେବା ସମୟରେ କେଉଟ ଜାତିର ହୋଇଥିବା ଦର୍ଶାଇ ଅନୁସୂଚିତ ଜାତି ବର୍ଗର




ବୋଲି ଜାତି ପ୍ରମାଣପତ୍ର ଦାଖଲ କରିଥିଲେ। କିନ୍ତୁ କେଉଟ ମାନଙ୍କୁ ଅନୁସୂଚିତ ଜାତି ବର୍ଗରେ ସାମିଲ ପ୍ରକ୍ରିୟା ୧୭.୧୨.୨୦୦୨ ଦିନ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ, ଯଦି କେଉଟ ବର୍ଗର ଲୋକଙ୍କୁ ଅନୁସୂଚିତ ଜାତିରେ ୨୦୦୨ ମସିହାରେ ସାମିଲ କରାଗଲା, ତାହେଲେ ଶ୍ରୀ ମହାଲିଙ୍ଗ କିପରି ତା'ପୂର୍ବରୁ ଅନୁସୂଚିତ ଜାତିର ବୋଲି ପ୍ରମାଣପତ୍ର ଦାଖଲ କରିଥିଲେ। ଏଥିରୁ ସ୍ପଷ୍ଟ ହେଉଛି ଯେ, ଶ୍ରୀ ମହାଲିଙ୍ଗ ମିଛ ଜାତି ପ୍ରମାଣପତ୍ର ଦାଖଲ କରି ସରକାରୀ ଚାକିରୀ ହାତେଇଥିଲେ। ଶ୍ରୀ ଦିଶାରୀ କହିଥିଲେ, ଶ୍ରୀ ମହାଲିଙ୍ଗଙ୍କ ବିରୋଧରେ ଆରଡିସିଙ୍କ ନିକଟରେ ଅଭିଯୋଗ ହେବା ପରେ ଏହାର ତଦନ୍ତ କରି ରିପୋର୍ଟ ଦାଖଲ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଅଧିକାରୀ ତାଙ୍କର ରିପୋର୍ଟ ଦାଖଲ କରି ସାରିଥିଲେ ସୁଦ୍ଧା ରାଜ୍ୟ ସରକାରଙ୍କ ଚାପରେ ଆରଡିସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ତେଣୁ ଜଣେ ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇ ସରକାରୀ ଚାକିରୀ ହାସଲ କରିଥିବା ଶ୍ରୀ ମହାଲିଙ୍ଗ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦିଅନ୍ତୁ ଅଥବା ମୁଖ୍ୟମନ୍ତ୍ରୀ ତାଙ୍କୁ ତୁରନ୍ତ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି। ତା'ଛଡା ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇ କରିଥିବା ଚାକିରୀ ସମୟରେ ସେ ନେଇଥିବା ଦରମା ଓ ଅନ୍ୟାନ୍ୟ ସୁବିଧା ତାଙ୍କ ଠାରୁ ଆଦାୟ କରାଯାଉ ବୋଲି ଶ୍ରୀ ଦିଶାରୀ କହିଥିଲେ।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ କଣମଣା ପଞ୍ଚାୟତରେ ସାମାଜିକ ଉନ୍ନତିମୂଳକ କାର୍ଯ୍ୟକ୍ରମ

**ଛତ୍ରପୁର, ନ୍ୟୁଜ ବ୍ୟୁରୋ**

ଗୋପାଳପୁର ବନ୍ଦର ଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) କାର୍ଯ୍ୟକ୍ରମ ଅନ୍ତର୍ଗତ ଆଦାନୀ ଫାଉଣ୍ଡେସନ ଜରିଆରେ ସ୍ଥାନୀୟ କଣମଣା ପଞ୍ଚାୟତରେ ବିଭିନ୍ନ ସାମାଜିକ ଉନ୍ନତିମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଛି। ସେଥିମଧ୍ୟରୁ କଣମଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ୮୦ ଲିଟର କ୍ଷମତା ବିଶିଷ୍ଟ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା (ଆରଓ ଫିଲ୍ଟର ମେଶିନ)ର ସ୍ଥାପନା ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର, କଣମଣା ବାତ୍ୟା ଆଶ୍ରୟ ସ୍ଥଳୀରେସ୍ୱାସ୍ଥ୍ୟ ଶିବିରର ଆୟୋଜନଓ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ ଆଦି ସିଏସ୍‌ଆର୍ କାର୍ଯକ୍ରମର ଆୟୋଜନ କରାଯାଇଥିଲା। ଉଦଘାଟନ ଉତ୍ସବରେ ଶ୍ରୀ ସନ୍ଦୀପ ଜେଶ୍ୱାଲ, ବିଜନେସ ମୁଖ୍ୟ, ଗୋପାଳପୁର ବନ୍ଦର, କଣମଣା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀ ବି ସୀମାଦ୍ରି, ୱାର୍ଡ ମେମ୍ବର ଶ୍ରୀ ଚନ୍ଦନ ବେହେରା, ସମିତିସଭ୍ୟ ପ୍ରତିନିଧି ଶ୍ରୀ ଜନାର୍ଦନ ସ୍ୱାଇଁ, କଣମଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ବସନ୍ତ




କୁମାର ଦାସ, ସ୍ଥାନୀୟ ବୁଦ୍ଧିଜୀବୀ,ପଞ୍ଚାୟତ ସଦସ୍ୟ, ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ବହୁ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପାଖାପାଖି ୧୫୦ ଛାତ୍ରଛାତ୍ରୀମାନଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇବାର ଲକ୍ଷ୍ୟ ନେଇ ଆଦାନୀ ଫାଉଣ୍ଡେସନ, କଣମଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଏକ ୮୦ ଲିଟର କ୍ଷମତା ବିଶିଷ୍ଟ ଆରଓ ଫିଲ୍ଟର ମେଶିନର ସ୍ଥାପନା ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି।ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆର୍ଯ୍ୟପଲ୍ଲୀ ସେବାଶ୍ରମ ବିଦ୍ୟାଳୟ ଓ ମାଟିଖାଲୋ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କୁ ବିଶୁଦ୍ଧ ପାଣି ଯୋଗାଇଦେବା ପାଇଁ ୨ଟି ୪୦ ଲିଟର କ୍ଷମତା ବିଶିଷ୍ଟ ଆରଓ ଫିଲ୍ଟର ମେଶିନ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଆରଓ ଫିଲ୍ଟର ମେଶିନ ଦ୍ୱାରା ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ଅନ୍ୟ କର୍ମକର୍ତ୍ତା ଦୈନିକ ପରିଷ୍କୃତ ବିଶୁଦ୍ଧ ପାଣି ପାଇପାରିବେ। ଏହାସହ କଣମଣା ବାତ୍ୟା ଆଶ୍ରୟ ସ୍ଥଳୀରେ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ମଧ୍ୟ କରାଯାଇଥିଲା ଯେଉଥିରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଏବଂ ସାଧାରଣ ଚିକିତ୍ସକ ବିଭାଗର ଦକ୍ଷ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ରୋଗର ନିରୂପଣ ପରୀକ୍ଷା ଓ ପରାମର୍ଶ ଇତ୍ୟାଦି କରାଯିବା ସଙ୍ଗେ ସଙ୍ଗେ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଇଥିଲା । ଏହି ଶିବିରରେ ପ୍ରାୟ ୨୩୦ରୁ ଊର୍ଦ୍ଧ୍ୱ ଶିଶୁ, ମହିଳା ଓ ବୃଦ୍ଧ ସ୍ୱାସ୍ଥ୍ୟବସ୍ଥାର ପରୀକ୍ଷଣ କରିବା ସହ ଡାକ୍ତରଙ୍କ ସହ ସେମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପରାମର୍ଶ କରିଥିଲେ। ସ୍ଥାନୀୟ ଗ୍ରାମବାସୀ କିପରି ଏହି ସ୍ୱାସ୍ଥ୍ୟ ଶିବିରରୁ ଉପକୃତ ହୋଇପାରିବେ, ଆଦାନୀ ଫାଉଣ୍ଡେସନ ପକ୍ଷରୁ ଡାକବାଜି ଜନ୍ତ ମାଧ୍ୟମରେ ଅବଗତ କରାଯାଇଥିଲା । ବ୍ରହ୍ମପୁର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି (ଏମକେସିଜି) ବଡ ମେଡିକାଲ୍ କଲେଜର ଅଭିଜ୍ଞତା ସମ୍ପନ୍ନ ଡାକ୍ତର ଓ ବିଶେଷଜ୍ଞ ଏହି ସ୍ୱାସ୍ଥ୍ୟସେବା ଶିବିରରେ ଯୋଗଦେଇ ଗ୍ରାମବାସୀଙ୍କୁ ଅତ୍ୟାଧୁନିକ ପ୍ରଣାଳୀରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ମଧୁମେହ, ଅସ୍ଥି ପରୀକ୍ଷଣ, ରକ୍ତଚାପ, ନମୁନା, ପରିକ୍ଷଣ, ଓଜନ ତଥା ଉଚ୍ଚତା ମାପ ଆଦି କରାଯାଇଥିଲା। ଆଦାନୀ ଫାଉଣ୍ଡେସନ ପକ୍ଷରୁ କଣମଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଯୋଧ୍ୟାରେ ଓଡ଼ିଶାବାସୀଙ୍କ...

ଶ୍ରଦ୍ଧାଳୁ ବୁଡ଼ ପକାଇସାରିଲେଣି। ଆସନ୍ତା ୨୬ ତାରିଖ ଯାଏଁ ଜାରି ରହିବାକୁ ଥିବା ଏହି ଦିବ୍ୟ ଓ ଭବ୍ୟ ମେଳାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହଙ୍କ ସହିତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ସାମିଲ ହୋଇସାରିଛନ୍ତି। ସେହିପରି ବିଦେଶୀ ଶ୍ରଦ୍ଧାଳୁମାନେ ମଧ୍ୟ କୁମ୍ଭମେଳାରେ ବୁଡ଼ ପକାଇ ପୂଣ୍ୟ ଅର୍ଜନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରବିବାର ଅପରାହ୍ଣରେ ମହାକୁମ୍ଭରେ ଶ୍ରଦ୍ଧାର ବୁଡ଼ ପକାଇଥିଲେ। ଏଥି ସହିତ ତାଙ୍କର ପରିବାର ଲୋକେ ମଧ୍ୟ ମହାକୁମ୍ଭରେ ବୁଡ଼ ପକାଇଥିଲେ । ଏହି ଅବସରରେ ଶ୍ରୀ ମାଝୀ ତ୍ରିବେଣୀ ସଂଗମରେ ଗଙ୍ଗା ଆରତୀ କରିଥିଲେ। ଶ୍ରୀ ମାଝୀ ୩ଦିନିଆ ଉତ୍ତର ପ୍ରଦେଶ ଗସ୍ତର ପ୍ରଥମ ଦିନରେ ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ଯୋଗ ଦେଇଥିଲେ।

### କାଶୀ-ତାମିଲ୍ ...

ଏକ ସହର ନୁହେଁ, ଏହା ଭାରତର ଶାଶ୍ୱତ, ଆଧ୍ୟାତ୍ମିକ ପରମ୍ପରାର ପ୍ରତୀକ। ସେହିପରି ତାମିଲନାଡୁର ଶାସ୍ତ୍ରୀୟ ଭାଷା, ସାହିତ୍ୟ, ଭବ୍ୟମନ୍ଦିର ଓ ଦାର୍ଶନିକ ପରମ୍ପରା ଭାରତୀୟ ସଂସ୍କୃତିକୁ ସମୃଦ୍ଧ କରିଛି । କାଶୀ-ତାମିଲ ସଙ୍ଗମ ହେଉଛି ବିବିଧତା ମଧ୍ୟରେ ଆମ ଏକତାର ପ୍ରତୀକ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଓଡ଼ିଶା ମଧ୍ୟ ସେହି ଭାରତୀୟ ସାଂସ୍କୃତିକ ଭାବଧାରାର ପରିଚୟ ବହନ କରେ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ଦେଶର ସବୁକୋଣରୁ ଭକ୍ତମାନେ ଆସିଥାନ୍ତି ଏବଂ ମହାପ୍ରଭୁଙ୍କ ରଥଯାତ୍ରାରେ ସବୁଧର୍ମ, ସବୁ ସଂସ୍କୃତିର ଲୋକ ଯୋଗ ଦେଇଥାନ୍ତି । ଏହି ମହାଭାରତୀୟ ଐଶ୍ୱରିକ ଚିନ୍ତାଧାରାର ପ୍ରସାରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ଓଡ଼ିଶୀ ନୃତ୍ୟ ଓ ତାମିଲନାଡୁର ଭାରତନାଟ୍ୟମ୍ ଆଞ୍ଚଳିକ ଭାଷାଗତ ପାର୍ଥକ୍ୟର ଉପରକୁ ଯାଇ ଶାସ୍ତ୍ରୀୟ ନୃତ୍ୟକଳା ଜରିଆରେ ଭକ୍ତିଭାବର କାହାଣୀ ବର୍ଣ୍ଣନା କରିଥାନ୍ତି । କାଶୀ ଓ ତାମିଲନାଡୁର ସାସ୍କୃତିକ ଐତିହ୍ୟକୁ ଯୋଡ଼ିବା ପାଇଁ ଏହି ଅନନ୍ୟ ପ୍ରୟାସ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେବା ସହିତ ଆୟୋଜକ ମାନଙ୍କୁ ମଧ୍ୟ ପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଏହି ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବର ଆଦାନ ପ୍ରଦାନ ଦେଶର ଭବିଷ୍ୟତର ପିଢ଼ିକୁ ପ୍ରେରଣା ଦେଇ ଏକତାର ବନ୍ଧନରେ ବାନ୍ଧି ରଖିବ ।

### କୋଣାର୍କରେ ...

ସୁରକ୍ଷିତ ଭାବରେ ବାଲି କଢ଼ାଯିବ ସେ ସମ୍ପର୍କରେ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ ।କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଶେଖାୱତ ପରେ ସୂର୍ଯ୍ୟ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ବିମୋହିତ ହୋଇଥିଲେ।

### ୟୁନୁସ ସରକାରଙ୍କୁ...

ମନ୍ତ୍ରୀ ଜୟଶଙ୍କର ଏହି କଥାଗୁଡ଼ିକ କହିଥିଲେ। ଜୟଶଙ୍କର କହିଥିଲେ, ତୁମେ ଗୋଟିଏ ପଟେ କହିପାରିବ ନାହିଁ ଯେ ମୁଁ ଏବେ ତୁମ ସହିତ ସମ୍ପର୍କ ଭଲ କରିବାକୁ ଚାହୁଁଛି ଏବଂ ଅନ୍ୟ ପଟେ ପରଦିନ ସକାଳେ ସବୁକିଛି ପାଇଁ ତୁମକୁ ଦୋଷ ଦେଇପାରିବ ଏଥିପାଇଁ, ସେ କଣ ଚାହୁଁଛନ୍ତି ସେ ବିଷୟରେ ନିଷ୍ପତ୍ତି ନେବାକୁ ପଡିବ। ସେ କହିଥିଲେ ଯେ ଯଦି ଆପଣ ରିପୋର୍ଟଗୁଡ଼ିକୁ ଦେଖନ୍ତି, ତେବେ ଆପଣ ଦେଖିବେ ଯେ ଏଥିରେ ଥିବା କିଛି ଜିନିଷ ବହୁତ ମଜାଦାର। ଡକ୍ଟର ଏସ. ଜୟଶଙ୍କର କହିଛନ୍ତି ଯେ ଭାରତ ବାଂଲାଦେଶକୁ ତାର ଉଦ୍ଦେଶ୍ୟ ବିଷୟରେ କହିଛି ଯେ ସେ ସମ୍ପର୍କ ସୁଧାରିବାକୁ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ପୁନଃ ଆରମ୍ଭ କରିବାକୁ ଚାହୁଁଛି, କିନ୍ତୁ ସୀମାରେ ଦେଖାଯାଉଥିବା ବିଭିନ୍ନ ଜିନିଷ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି କରୁନାହିଁ।

### ଏବେ ସରିବନି ...

ଜିପିଆରଏସ ସର୍ଭେ ଅନୁଯାଇ ଏଏସଆଇ ତାର କାର୍ଯ୍ୟ ସଠିକ ଭାବେ କରୁଛି । ଯଥା ସମ୍ଭବ ଏଏସଆଇଙ୍କୁ ବେଶୀ ସମୟ ଦେବା ପାଇଁ ସେବାୟତ ମାନଙ୍କ ସହ ଆଲୋଚନା କରାଯାଉଛି ବୋଲି ଶ୍ରୀମନ୍ଦିର ଉପ ମୁଖ୍ୟପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

## ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ମମତା ଭୋଳ ନିର୍ବାଚିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ପଞ୍ଚାୟତ ସମିତି ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଶ୍ରୀମତୀ ମମତା ଭୋଳ ଜୟଯୁକ୍ତ ହୋଇଛନ୍ତି । ଉଚ୍ଚନ୍ୟାୟାଳୟଙ୍କ ହସ୍ତକ୍ଷେପ ଫଳରେ ବେଲଗୁଣ୍ଠା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ ଭୋଟ ଗଣତି ହୋଇ ବଡ଼ ବୋରସିଂ ପଞ୍ଚାୟତର ସମିତି ସଭ୍ୟା ଶ୍ରୀମତୀ ଭୋଳଙ୍କୁ ନିର୍ବାଚିତ ଘୋଷଣା କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ପରଲୋକରେ ଉକ୍ତ ଆସନ ଖାଲି ପଡ଼ିଥିଲା ଏବଂ ଅଧ୍ୟକ୍ଷ ଦାୟିତ୍ୱରେ ଉପାଧ୍ୟକ୍ଷା ରହିଥିଲେ । ପରବର୍ତ୍ତୀ ସମୟରେ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ । ନିର୍ବାଚନ ନ କରିବା ପାଇଁ ଭାରତୀୟ ଜନତା ପାର୍ଟି ସମସ୍ତ ଉଦ୍ୟମ କରିଆସୁଥିଲା । ଏଭଳି ସ୍ଥିତିରେ ଶ୍ରୀମତୀ ମମତା ଭୋଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଜାନୁଆରୀ ୩୦ ତାରିଖ ଦିନ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ଫଳାଫଳ ଘୋଷଣାକୁ ମାନ୍ୟବର କୋର୍ଟ ସ୍ଥଗିତ ରଖିଥିଲେ । ଗତ ୨୦.୦୨.୨୦୨୫ ତାରିଖରେ ଉଚ୍ଚନ୍ୟାୟାଳୟ ମାମଲାର ଶୁଣାଣି କରି ଫଳାଫଳ ଘୋଷଣା ପାଇଁ ଜିଲ୍ଲାପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ବାଚନ ଅଧିକାରୀ ତଥା ବୁଗୁଡା ତହସିଲଦାର ଭୋଟ ଗଣତି କରି ଫଳାଫଳ ଘୋଷଣା କରିଥିଲେ। ଏହି ନିର୍ବାଚନ ଜିତିବା ପାଇଁ ଶାସକ ବିଜେପି ଦଳ ତଥା ସ୍ଥାନୀୟ ବିଧାୟକଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ବିଜୁ ଜନତା ଦଳର ପ୍ରାର୍ଥୀ ବିଜୟ ହୋଇଥିବାରୁ ପୂର୍ବତନ ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ନବନିର୍ବାଚିତ ଅଧ୍ୟକ୍ଷା ଶ୍ରୀମତୀ ମମତା ଭୋଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଇଙ୍ଫାର ଦାତବ୍ୟ ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବିତରଣ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଇଙ୍ଫାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛ। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହିଷାଁଳଣ୍ଡା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସରପଞ୍ଚ କଲ୍ୟାଣି ରାଉତ, ଇଙ୍ଫାର ସାଧାରଣ ପ୍ରବନ୍ଧକ ସୁଜିତ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟ ଦେବି ପ୍ରସାଦ ସ୍ୱାଇଁ, କୁଳମଣି ଦେହୁରୀ, ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଟିଉ, ପୁଷ୍ପଲତା ଦେହୁରୀ, ନିବେଦିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଅସ୍ଥିଶଲ୍ୟ, ଚର୍ମ, ଭେଷଜ, ସ୍ତ୍ରୀ ଓ ପ୍ରସୁତି ଓ ଚକ୍ଷୁ ବିଭାଗର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ସ୍ୱସ୍ଥ୍ୟ ପରୀକ୍ଷା କରାଯିବା ସହିତ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ଇଙ୍ଫାର ସଞ୍ଜୀବ ଗୁପ୍ତା, ନିରଞ୍ଜନ ସାହୁ, ସରୋଜ ସାହୁ, ପ୍ରଦ୍ୟୁମ୍ନ ତ୍ରୀପାଠୀ, ସୁନୀଲ କ୍ରୀଷ୍ଣା ଦାସ, ପ୍ରଦୀପ୍ତ ସାହୁ, ଅଶାନ୍ତ ବେହେରା, ରଂଜୀତ ବେହେରା, ଲୋକ ସଂପର୍କ ଅଧିକାରୀ ଅଭିଷେକ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଇଙ୍ଫାର ମାନସ ରଞ୍ଜନ ପ୍ରଧାନ, ବିଆଇପିଏଫ୍‌ର ସ୍ଥିତପ୍ରଜ୍ଞା ଦାସ, ପିଙ୍କି ସାହୁ, ମନୋଜ ମହାପାତ୍ର, ସୌଭାଗ୍ୟ ପ୍ରଧାନ ଓ ବରିଷ୍ଠ ଲୋକସଂପର୍କ ଅଧିକାରୀ ମାନସ ବସନ୍ତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଉତ୍କଳ ଦୀପିକା
ଭୁବନେଶ୍ୱର
୨୫ ଫେବୃୟାରୀ
ମଙ୍ଗଳବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

# ପ୍ରଭୁ ଶ୍ରୀଲୋକନାଥଙ୍କ ପଙ୍କୋଦ୍ଧାର ଏକାଦଶୀ ସମ୍ପନ୍ନ

**ପୁରୀ,୨୪/୦୨ ନ୍ୟୁଜ ବ୍ୟୁରୋ**

ପବିତ୍ର ପଙ୍କୋଦ୍ଧାର ଏକାଦଶୀରେ ଦର୍ଶନ ଦେଲେ ପ୍ରଭୁ ଶ୍ରୀଲୋକନାଥ । ବର୍ଷ ତମାମ ଶ୍ରଦ୍ଧାଳୁଙ୍କ ଦ୍ୱାରା ଲାଗି ହୋଇଥିବା ପୂଜା ସାମଗ୍ରୀରେ ବୁଡି ରହିଥିବା ପ୍ରଭୁ ଶ୍ରୀଲୋକନାଥଙ୍କ ଗମ୍ଭୀରାରୁ ପଙ୍କୋଦ୍ଧାର ଓ ମାଘ ସ୍ନାନ କରାଯାଇଛି । କ୍ଷୀର, ସର, ଛାଚି, ଛେନା, କଦଳୀ, ଖଇକୋରା, ବେଲପତ୍ର, ଅରଖଫୁଲ, ମାନସିକ ରୂପ ଆଦି ସଫା କରାଯାଇଛି । ରାତ୍ର ୨ଟା ୩୦ରେ ଦ୍ୱାର ଖୋଲାଯାଇ ମଙ୍ଗଳଆଳତୀ, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସକାଳ ଧୂପ ବଢ଼ିବା ପରେ ସକାଳ ୬ରୁ ପଙ୍କୋଦ୍ଧାର ନୀତି ଆରମ୍ଭ ହୋଇଥିଲା । ପଙ୍କୋଦ୍ଧାର ନୀତିକାନ୍ତି ପୂର୍ବାହ୍ନ ୧୧ଟାରେ ଶେଷ ହୋଇଥିଲା । ପଙ୍କୋଦ୍ଧାର ସରିବା ପରେ ମହାପ୍ରଭୁଙ୍କ ମାଘ ସ୍ନାନ ନୀତି କରାଯାଇ ମଧ୍ୟାହ୍ନ ୧୨ଟା ଭିତରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ବିଳମ୍ବିତ ରାତ୍ର ୧୦ଟା ପର୍ଯ୍ୟନ୍ତ ଜାରି ରହିଥିଲା । ଶ୍ରଦ୍ଧାଳୁମାନେ ଯେଉଁଳି ଶୃଙ୍ଖଳିତ ଦର୍ଶନ କରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ବ୍ୟାରିକେଡ ନିର୍ମାଣ କରାଯାଇଥିଲା । ଗହଳିକୁ ଦୃଷ୍ଟିରେ ରଖି ଲୁଟେରା ଓ ଚୋରଙ୍କୁ ଜଗିବା ଲାଗି ପୁଲିସ ତରଫରୁ ବ୍ୟାପକ ଭାବେ ଫୋର୍ସ ମୁତୟନ କରାଯାଇଥିବା ସୂଚନା ମିଳିଛି । ବାବା ଲୋକନାଥଙ୍କର ପଙ୍କୋଦ୍ଧାର ଏକାଦଶୀ ନୀତି ପାଇଁ ଲୋକନାଥ ମନ୍ଦିରରେ ଏହି ନୀତି ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ପୁରୀ ପୁଲିସ ବ୍ୟାପକ ବ୍ୟବସ୍ଥା କରିଥିଲା । ଲୋକନାଥ ମନ୍ଦିର ଭିତରେ ୨ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର, ୩୨ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୫୨ ଜଣ ହାବିଲ୍‌ଦାର ଓ କନ୍‌ଷ୍ଟେବଲ, ୫୬ ଜଣ ହୋମ୍‌ଗାର୍ଡ, ୪ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି । ସେହିପରି ଲୋକନାଥ ମନ୍ଦିର ବାହାରେ ୨ ଜଣ ଇନ୍ସପେକ୍ଟର, ୨ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୪ ଜଣ ହାବିଲ୍‌ଦାର ଓ କନ୍‌ଷ୍ଟେବଲ, ୮ ଜଣ ହୋମଗାର୍ଡ, ୨ ସେକ୍ସନ ଫୋର୍ସ ମୁତୟନ ହୋଇଛନ୍ତି । ରବିବାର ରାତିରୁ ଜଣେ ଲେଖାଏଁ ଡିଏସ୍‌ପି, ଇନ୍ସପେକ୍ଟର, ଏସ୍‌ଆଇ ଓ ଏଏସ୍‌ଆଇ, ୧ ସେକ୍ସନ ଫୋର୍ସ ଜଗି ରହିଛନ୍ତି । ଟ୍ରାଫିକ ପାଇଁ ଜଣେ ଡିଏସ୍‌ପି, ଜଣେ ଇନ୍ସପେକ୍ଟର, ୪ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୧୦ ଜଣ ହାବିଲ୍‌ଦାର ଓ କନ୍‌ଷ୍ଟେବଲ, ୧୦ ଜଣ ହୋମଗାର୍ଡ, ୨ ସେକ୍ସନ ଫୋର୍ସ ନିୟୋଜିତ ହୋଇଛନ୍ତି । । କଣ୍ଟ୍ରୋଲ୍‌ରୁମ୍ ପାଇଁ ଜଣେ ଡିଏସ୍‌ପି, ୨ ଜଣ ଇନ୍ସପେକ୍ଟର, ୨ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୪ଜଣ ହାବିଲ୍‌ଦାର ଓ କନ୍‌ଷ୍ଟେବଲ, ୪ ଜଣ ହୋମଗାର୍ଡ, ୪ ସେକ୍ସନ ଫୋର୍ସ ନିୟୋଜିତ କରାଯାଇଛି । ତେବେ ପଙ୍କୋଦ୍ଧାର ଏକାଦଶୀ ପାଇଁ ପୁରୀ ପୁଲିସ ପକ୍ଷରୁ ଜଣେ ଅତିରିକ୍ତ ଏସ୍‌ପିଙ୍କ ସହ ମୋଟ ୫ ଜଣ ଡିଏସ୍‌ପି, ୧୫ ଜଣ ଇନ୍ସପେକ୍ଟର, ୪୧ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୭୨ ଜଣ ହାବିଲ୍‌ଦାର ଓ କନ୍‌ଷ୍ଟେବଲ, ୮୨ ଜଣ ହୋମଗାର୍ଡ, ୬ ପ୍ଲାଟୁନ୍ ଫୋର୍ସ ନିୟୋଜିତ ହୋଇଥିଲେ ।

# ଶ୍ରୀମନ୍ଦିର ଭୋଗରେ ଲାଗିବ ଚଇତୁ ମୁଗ

**ଝାରସୁଗୁଡ଼ା,୨୪/୦୨ ନ୍ୟୁଜ ବ୍ୟୁରୋ**



ଶ୍ରୀମନ୍ଦିର 'ଅମୃତ ଅନ୍ନ'ରେ ବ୍ୟବହାର ହେବ ଝାରସୁଗୁଡ଼ା ଜିଲ୍ଲା ୧୯ ଖଣ୍ଡ ମୌଜାର ଚଇତୁ ମୁଗ । ହୀରାକୁଦ ଜଳଭଣ୍ଡାର ନିକଟବର୍ତ୍ତୀ ଅଞ୍ଚଳରେ ବହୁଳ ପରିମାଣରେ ଉତ୍ପାଦିତ ହେଉଥିବା ଏହି କିସମର ମୁଗ ସ୍ୱାଦିଷ୍ଟ ଏବଂ ସୁଗନ୍ଧଯୁକ୍ତ । ଏହାର ସ୍ୱତନ୍ତ୍ରତା ରହିଛି । ସଂପୂର୍ଣ୍ଣ ଜୈବିକ ପ୍ରଣାଳୀରେ ଏହାର ଚାଷ କରାଯାଉଛି । ମହାପ୍ରଭୁଙ୍କ ଭୋଗ ପାଇଁ ଆବଶ୍ୟକ ଚଇତୁ ମୁଗ ଯୋଗାଇବାକୁ ଦେଶୀ ବିହନ ଧାନ ସଂରକ୍ଷକ ତଥା ଜୈବିକ କୃଷିକୁ ପ୍ରୋତ୍ସାହନ ଦେଉଥିବା ଚାଷୀ ସୁଦାମ ସାହୁଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଝାରସୁଗୁଡ଼ାର ଚଇତୁ ମୁଗ ଶ୍ରୀଜୀଉଙ୍କ ଭୋଗରେ ଲାଗିବ ବୋଲି ଜଣାପଡ଼ିବା ପରେ ଜୈବିକ କୃଷିକୁ ଆପଣାଇଥିବା ଜିଲ୍ଲା ଚାଷୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖାଦେଇଛି । ଶ୍ରୀମନ୍ଦିରରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ 'ଅମୃତ ଅନ୍ନ' ପ୍ରକଳ୍ପ । ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ପ୍ରସ୍ତୁତ ଶସ୍ୟ ଓ ପନିପରିବାରେ ଠାକୁରଙ୍କ ଭୋଗ ପ୍ରସ୍ତୁତ ହେବ । ମହାପ୍ରସାଦ ଓ କୋଠଭୋଗରେ ଜୈବିକ ଚାଉଳ ବ୍ୟବହାର କରାଯିବ । ନିକଟରେ ଶେଷ ହୋଇଥିବା 'କୃଷି ଓଡ଼ିଶା' କାର୍ଯ୍ୟକ୍ରମରେ ଏହି ପ୍ରସ୍ତାବ ଦିଆଯାଇଥିଲା । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶ୍ରୀମନ୍ଦିର ପ୍ରଶାସକ ତଥା କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କ ସହ ବିସ୍ତୃତ ଆଲୋଚନା କରିସାରିଛନ୍ତି । ଝାରସୁଗୁଡ଼ାର ଚାଷୀ ସୁଦାମ ସାହୁ ଏବଂ ନିଆଳିର ଚାଷୀ ନଟବର ଷଡ଼ଙ୍ଗୀ ଶ୍ରୀମନ୍ଦିରରେ ଜୈବିକ ଶସ୍ୟ ଓ ପନିପରିବା ବ୍ୟବହାରକୁ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଏହାକୁ ରାଜ୍ୟ ସରକାର ମଧ୍ୟ ଗୁରୁତ୍ୱର ସହ ନେଇଛନ୍ତି । ଗତ ୧୨ ତାରିଖରେ ରାଜ୍ୟ କୃଷି ଭବନରେ ବୈଠକ ଡକାଯାଇ ଏସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ଠାକୁରଙ୍କ ଭୋଗରେ ଲାଗିବାକୁ ଥିବା ଜୈବିକ ଚାଉଳ ଓ ମୁଗ କିପରି ସୁବିଧାରେ ସଂଗ୍ରହ କରାଯିବ ସେ ନେଇ ବୈଠକରେ ଶ୍ରୀମନ୍ଦିର ପ୍ରଶାସକ ଶ୍ରୀ ପାଢ଼ୀ ଗୁରୁତ୍ୱ ଦେଇଥିଲେ । ଚାଷୀ ସୁଦାମ ସାହୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପଶ୍ଚିମ ଓଡ଼ିଶାରେ ବହୁଳ ପରିମାଣରେ ଜୈବିକ ଉପାୟରେ ଦେଶୀ କିସମ ଝିଲ୍ଲି ଧାନ ଚାଷ ହେଉଛି । ଏହି ଧାନରୁ ପ୍ରସ୍ତୁତ ଚାଉଳ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯିବ । ଆଗାମୀ ଖରିଫ୍ ଋତୁରୁ ଏହା ଯେପରି ନିୟମିତ ଯୋଗାଣ ହେବ ସେହି ଦାୟିତ୍ୱ ତାଙ୍କୁ ଦିଆଯାଇଛି । କୋଠ ଭୋଗ ପ୍ରସ୍ତୁତ ପାଇଁ ଦିନକୁ ଏକ କୁଇଣ୍ଟାଲ ଚାଉଳ ଏବଂ ୨୫ କିଲୋଗ୍ରାମ ମୁଗ ଦରକାର । ଷାଠିଏ ପଉଟି ଭୋଗରେ ୭ରୁ ୮ କୁଇଣ୍ଟାଲ ଚାଉଳ ଏବଂ ପ୍ରାୟ ଦୁଇ କୁଇଣ୍ଟାଲ ମୁଗ ଲାଗିଥାଏ । କୋଠ ଭୋଗ ପାଇଁ ଅପେକ୍ଷାକୃତ କମ୍ ପରିମାଣର ମୁଗ ଆବଶ୍ୟକ । ସେଇଥିପାଇଁ ଲଖନପୁର ବ୍ଲକର ୧୯ ଖଣ୍ଡ ମୌଜାରେ ଉତ୍ପାଦନ ହେଉଥିବା ଚଇତୁ ମୁଗକୁ ବ୍ୟବହାର କରିବାକୁ ନିଷ୍ପତ୍ତି ହୋଇଛି । ତଦନୁଯାୟୀ ଆବଶ୍ୟକ ମୁଗ ଯୋଗାଇବେ ବୋଲି ସେ ବୈଠକରେ ପ୍ରସ୍ତାବ ଦେବା ପରେ ତାଙ୍କୁ ଏ ଦିଗରେ ଆଗେଇବା ପାଇଁ କୁହାଯାଇଛି । ଚଇତୁ ମୁଗ ବିହନ ଯେଉଁଳି ମିଶ୍ରିତ ହେବ ନାହିଁ ଏବଂ ଝିଲ୍ଲି ଧାନର ପବିତ୍ରତା ଯେପରି ରକ୍ଷା ହେବ ସେ ଦିଗରେ ଦାୟିତ୍ୱବାନ୍ ହୋଇ କାମ କରିବେ ବୋଲି ସଂକଳ୍ପ ନେଇଛନ୍ତି । ଶ୍ରୀମନ୍ଦିର ପ୍ରଶାସନର ଏଭଳି ନିଷ୍ପତ୍ତି ଝାରସୁଗୁଡ଼ା ଜିଲ୍ଲା ୧୯ ଖଣ୍ଡ ମୌଜାର ଚଇତୁ ମୁଗକୁ ବଡ଼ ସ୍ୱୀକୃତି ବୋଲି କହିଛନ୍ତି ଚାଷୀ ସୁଦାମ ।



ଭୁବନେଶ୍ୱର : ପବିତ୍ର ଜାଗର ପାଇଁ ରଙ୍ଗୀନ ଆଲୋକ ମାଳାରେ ସଜେଇ ହୋଇଛି ଏକାମ୍ରକ୍ଷେତ୍ରର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର । (ଫଟୋ : ସମ୍ବାଦ କଳିକା)

# ପଦ୍ମଶ୍ରୀ ପୁରସ୍କାର ବିବାଦ : ହାଇକୋର୍ଟରେ ନିଜ ପକ୍ଷ ରଖିଲେ ଆବେଦନକାରୀ

**କଟକ, ୨୪।୨ ନ୍ୟୁଜ ବ୍ୟୁରୋ**



ପଦ୍ମଶ୍ରୀ ପୁରସ୍କାର ବିବାଦ ମାମଲା ଉପରେ ସୋମବାର ହାଇକୋର୍ଟରେ ନିଜର ପକ୍ଷ ରଖିଛନ୍ତି ଆବେଦନକାରୀ ଅନ୍ତର୍ଯ୍ୟାମୀ ମିଶ୍ର । ମାମଲାର ପ୍ରତିପକ୍ଷ ତଥା ୨୦୨୩ ରେ ପଦ୍ମ ପୁରସ୍କାର ପାଇଥିବା ଢେଙ୍କାନାଳର ଅନ୍ତର୍ଯ୍ୟାମୀ ମିଶ୍ର କୋର୍ଟରେ ହାଜର ହୋଇ ନାହାନ୍ତି । ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ସେ ହାଜର ହୋଇନାହାଁନ୍ତି ଏବଂ ତଥ୍ୟ ରଖିବାକୁ ୪ ସପ୍ତାହର ମହଲତ ଲୋଡିଛନ୍ତି । ତେଣୁ ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୮ ତାରିଖକୁ ଧାର୍ଯ୍ୟ କରାଯାଇଛି । ସମାନ ନାଁ ଯୋଗୁଁ ପଦ୍ମଶ୍ରୀ ପୁରସ୍କାରକୁ ନେଇ ବିବାଦ ମୁଣ୍ଡ ଟେକିଛି । ଜଣେ ବ୍ୟକ୍ତିଙ୍କ ବଦଳରେ ଆଉ ଜଣେ ବ୍ୟକ୍ତିଙ୍କୁ ୨୦୨୩ରେ ପଦ୍ମଶ୍ରୀ ପୁରସ୍କାର ମିଳିଛି ବୋଲି ଅଭିଯୋଗ ହୋଇଛି । ଯାହାକୁ ଚ୍ୟାଲେଞ୍ଜ କରି ଭୁବନେଶ୍ୱର ବ୍ରହ୍ମେଶ୍ୱର ପାଟଣା ନିବାସୀ ଅନ୍ତର୍ଯ୍ୟାମୀ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପୂର୍ବ ନିର୍ଦ୍ଦେଶ ମୁତାବକ ସୋମବାର ଆବେଦନକାରୀ ହାଇକୋର୍ଟରେ ହାଜର ହୋଇଥିଲେ । ନିଜ ସ୍ୱରଚିତ ୨୯ଟି ପୁସ୍ତକ ଗୁଡିକୁ ସୋମବାର ସେ ପ୍ରମାଣ ସ୍ୱରୂପ କୋର୍ଟରେ ଦେଖାଇଛନ୍ତି । ମାମଲାର ଉଭୟ ପକ୍ଷଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ଲାଗି ହାଇକୋର୍ଟରୁ ନିର୍ଦ୍ଦେଶ ଦିଆଯାଇଥିଲା ।

## ତୃତୀୟ ଥର ପାଇଁ ମା' ହେଲା ବାଘୁଣୀ ଅଙ୍କିତା

**ଭୁବନେଶ୍ୱର ୨୪/୦୨ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ଖୁସିର ଖବର । ତୃତୀୟ ଥର ପାଇଁ ମା'ହେଲା ବାଘୁଣୀ ଅଙ୍କିତା । ସେ ଗୋଟିଏ ବାଘ ଶାବକକୁ ଜନ୍ମ ଦେଇଛି । ଫଳରେ ଜାତୀୟ ଉଦ୍ୟାନରେ ବାଘ ସଂଖ୍ୟା ୨୮କୁ ବୃଦ୍ଧି ପାଇଛି । କିଛି ମାସ ତଳେ ନନ୍ଦନକାନନରେ ମହାବଳ ବାଘ ସେଫ ସହିତ କରାଯାଇଥିଲା ମିଳନ । ସେହିପରି ଆଗକୁ ମଧ୍ୟ ଶାବକ ଜନ୍ମ ଦେବାର ସମ୍ଭାବନା ରହିଛି । ତେଣୁ ସିସିଟିଭି ଜରିଆରେ ନିରୀକ୍ଷଣ କରାଯାଉଛି ।ଏନେଇ ନନ୍ଦନକାନନର ଉପ ନିର୍ଦ୍ଦେଶକ ସନଥ କୁମାର ନାରାୟଣ ସୂଚନା ଦେଇଛନ୍ତି ।



ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ରାଜ୍ୟରେ ବଢ଼ୁଛି ଅପରାଧ : ୨୦୨୩ ତୁଳନାରେ ୨୦୨୪ରେ ଅଧିକ
୧.୩୪ ଲକ୍ଷ କୋଟିରେ ପହଞ୍ଚିଲା ଓଡ଼ିଶାର ମୋଟ ଋଣ
୮ ମାସରେ ଭିଜିଲାନ୍ସ ଜାଲରେ ୫୦ ଦୁର୍ନୀତିଗ୍ରସ୍ତ ଅଧିକାରୀ

# ଯୁବତୀଙ୍କୁ ଗଳା କାଟି ହତ୍ୟା କଲା ବିଫଳ ପ୍ରେମିକ

**ସୋର, ୨୪/୦୨ ନ୍ୟୁଜ ବ୍ୟୁରୋ**

ଏକତରଫା ପ୍ରେମରୁ ବିଭତ୍ସ ହତ୍ୟା । ପ୍ରେମରେ ବିଫଳ ହେବାରୁ ପ୍ରେମିକାର ଜୀବନ ନେଲା ପ୍ରେମିକ । ସୋର ପୌରପାଳିକା ଅନ୍ତର୍ଗତ ଲିଙ୍ଗପଡା ଗ୍ରାମରେ ଘଟିଛି ଏଭଳି ବିଭତ୍ସ ହତ୍ୟାକାଣ୍ଡ । ସୂଚନାନୁଯାୟୀ ସୋର ପୌରାଞ୍ଚଳ ଲିଙ୍ଗପଡ଼ା ଗ୍ରାମର ଜ୍ୟୋତିର୍ମୟୀ ରଣା (୨୫) ଭୁବନେଶ୍ୱରରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ । ଦୁଇ ମାସ ତଳେ ସେ ଘରକୁ ଆସିଥିଲେ । ଘରେ କେହି ନଥିବା ବେଳେ ଜ୍ୟୋତିର୍ମୟୀଙ୍କ ଗଳା କାଟି ଏକତରଫା ପ୍ରେମରେ ବିଫଳ ଜଣେ ଯୁବକ ହତ୍ୟା କରିଥିଲା । କିଛି ସମୟ ପରେ ଘର ଲୋକ ଫେରି ଝିଅକୁ ରକ୍ତାକ୍ତ ଅବସ୍ଥାରେ ଦେଖି ତୁରନ୍ତ ସୋର ଡାକ୍ତରଖାନାକୁ ଆଣିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ଢାଞ୍ଚାର ହେବ ପରିବର୍ତ୍ତନ

# ୨୦୨୬ରୁ ପାର୍ଟ ଟାଇମ୍ ବିଏଡ୍, ଏମ୍ଏଡ୍

**ଭୁବନେଶ୍ୱର, ୨୪/୦୨ ନ୍ୟୁଜ ବ୍ୟୁରୋ**

ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ଢାଞ୍ଚାରେ ହେବ ପରିବର୍ତ୍ତନ । ନୂଆ ଢାଞ୍ଚାରେ କରାଯିବ ପାଠ୍ୟକ୍ରମ । ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ । ଏପରି ନିଷ୍ପତ୍ତି ନେଇଛି ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) । ଏନେଇ ଏନ୍‌ସିଟିଇ ପକ୍ଷରୁ ଏନ୍‌ସିଟିଇ ରେଗୁଲେସନ୍-୨୦୨୫ର ଏକ ଡ୍ରାଫ୍ଟ ପ୍ରସ୍ତୁତ ହୋଇଛି । ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ପାଠପଢ଼ା ହେବ । ସ୍କୁଲ ଓ ଉଚ୍ଚଶିକ୍ଷାରେ ଏହାକୁ ଲାଗୁ କରାଯାଉଛି । ସେହିପରି ଶିକ୍ଷକ ଶିକ୍ଷାରେ ମଧ୍ୟ ଏହାକୁ ଲାଗୁ କରାଯିବ । ଏଥିପାଇଁ ଏନ୍‌ସିଟିଇ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆଗରୁ ଥିବା ଏନ୍‌ସିଟିଇ ରେଗୁଲେସନ୍ ୨୦୧୪ ଅନୁଯାୟୀ ପାଠ୍ୟକ୍ରମର ବିକାଶ କରାଯିବ । ନୂଆ ଏନ୍‌ସିଟିଇ ରେଗୁଲେସନ୍ ୨୦୨୫ ଆସିବ । ଏନ୍‌ସିଟିଇର ନୂଆ ନିୟମ ଅନୁଯାୟୀ ୨୦୨୬ ଶିକ୍ଷା ବର୍ଷରୁ ନୂଆ ୯ଟି କୋର୍ସର ଶୁଭାରମ୍ଭ ହେବ । ଇଣ୍ଟିଗ୍ରେଡେଟ୍ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ (ଆଇଟିଇପି)ର ୪ଟି ସ୍ୱତନ୍ତ୍ର ଷ୍ଟ୍ରିମ୍ (କୋର୍ସ) ଯୋଡ଼ି ହେବ । କଳା ଶିକ୍ଷା, ଶାରୀରିକ ଶିକ୍ଷା, ସଂସ୍କୃତ ଶିକ୍ଷା ଓ ଯୋଗ ଉପରେ ସ୍ୱତନ୍ତ୍ର କୋର୍ସ ରହିଛି । କେବଳ ଏତିକି ନୁହେଁ ବର୍ଷିକିଆ ବିଏଡ୍ ଓ ଏମ୍ଏଡ୍ କୋର୍ସର ଆରମ୍ଭ ହେବ । ଏଥିସହ ପୂର୍ଣ୍ଣ ସମୟ ଅର୍ଥାତ୍ ୨ ବର୍ଷିଆ ବିଏଡ୍ ଓ ଏମ୍ଏଡ୍ କୋର୍ସରେ ମଧ୍ୟ ନାମେଲଖା ହେବ । ଏନେଇ ଏନ୍‌ସିଟିଇ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏନ୍‌ସିଟିଇ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଡ୍ରାଫ୍ଟ ଅନୁଯାୟୀ, ପ୍ରାଥମିକ ଭାବେ ଶିକ୍ଷକ-ଛାତ୍ର ଅନୁପାତକୁ ଗୁରୁତ୍ୱ ଦିଆଯିବ । ପାଠପଢ଼ା ପାଇଁ ସ୍ୱତନ୍ତ୍ର ଶିକ୍ଷା କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ । ପାଠପଢ଼ା ସହ ପ୍ରାକ୍ଟିକାଲକୁ ଅଧିକ ଗୁରୁତ୍ୱ ଦିଆଯିବ । ଛାତ୍ରଛାତ୍ରୀ ପଢ଼ିବା ସହ କିପରି ଶିକ୍ଷାଦାନ କ୍ଷେତ୍ରରେ କୁଶଳୀ ହେବେ ସେଥିଲାଗି ସ୍ୱତନ୍ତ୍ର ପ୍ରାକ୍ଟିସ୍ ରୁମ୍ କରାଯିବ । ସେଠାରେ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ । ଏଥିସହ ଇଣ୍ଟର୍ନସିପ୍ କରିବା ପାଇଁ ସ୍ଥାନୀୟ ସରକାରୀ ସ୍କୁଲରେ ବ୍ୟବସ୍ଥା କରାଯିବ । ଏଥିପାଇଁ ଅନୁଷ୍ଠାନର କର୍ତ୍ତୃପକ୍ଷ ଆନୁସଙ୍ଗିକ ବ୍ୟବସ୍ଥା କରିବେ । ସ୍ୱତନ୍ତ୍ର ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯିବ । ସମସ୍ତ ପିଲା ଇଣ୍ଟର୍ନସିପ୍ କରିବେ । ଯାହା ଦ୍ୱାରା ନିଯୁକ୍ତି ପାଇବା ବେଳକୁ ପିଲାଟି ସ୍କୁଲ ଶିକ୍ଷାଦାନ ଉପରେ ଦକ୍ଷ ହୋଇଥିବ । ଏକ ଗୁଣାତ୍ମକ ଏକାଡେମିକ୍ ଜର୍ଣ୍ଣାଲ୍ ପ୍ରସ୍ତୁତ କରିବା ପାଇଁ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ପାଇଁ ସୁଯୋଗ ପ୍ରଦାନ କରାଯିବ । କାର୍ଯ୍ୟଶୈଳୀର ସମସ୍ତ ତଥ୍ୟକୁ ତଦାରଖ କରିବା ପାଇଁ ଏହାର ରେକର୍ଡ କରାଯିବ । କେବଳ ଶିକ୍ଷାର୍ଥୀଙ୍କର ସୁବିଧା କରାଯିବ ତାହା ନୁହେଁ ଶିକ୍ଷକଙ୍କୁ ମଧ୍ୟ ବିଭିନ୍ନ ସମୟରେ ତାଲିମ ପ୍ରଦାନ କରାଯିବ । ଏକାଡେମିକ୍ ଏନ୍‌ରିଚ୍‌ମେଣ୍ଟ ପ୍ରୋଗ୍ରାମ ଦ୍ୱାରା ଦକ୍ଷତା ବୃଦ୍ଧି କରାଯିବ । ଅଧ୍ୟାପକ, ଶିକ୍ଷକମାନେ ପାଠପଢାଇବା ସହ ଅଧିକରୁ ଅଧିକ ଗବେଷଣା ମଧ କରିବେ । ସମସ୍ତ ବିଷୟ ପାଇଁ ସ୍ୱତନ୍ତ୍ର ଯୋଗ୍ୟତାପ୍ରାପ୍ତ ଶିକ୍ଷକ ନିଯୁକ୍ତ ହେବେ । ଆନ୍ତଃ ଶିକ୍ଷାନୁଷ୍ଠାନ ସମନ୍ୱୟ କାର୍ଯ୍ୟକ୍ରମ କରାଯିବ । ସେମିନାର, ପ୍ରବନ୍ଧ, ବିତର୍କ, ବକ୍ତୃତାମାଳା, ଗୋଷ୍ଠୀ ଆଲୋଚନା ଚକ୍ର ଆଦି ନିୟମିତ କରାଯିବ । ସମସ୍ତ ପ୍ରତିଷ୍ଠାନରେ କ୍ଲାସ୍‌ରୁମ୍‌ର ସ୍ଥାନକୁ ଗୁରୁତ୍ୱ ଦିଆଯିବ । ପ୍ରାକ୍ଟିକାଲ ରୁମ୍ ରହିବ । ଇଣ୍ଟିଗ୍ରେଟେଡ୍ ବିଏଡ୍ କଳା କୋର୍ସ ପାଇଁ ଭିଜୁଆଲ୍ ଆର୍ଟସ୍‌ର ସୁବିଧା ରହିବ । କଳାକୃତି ଅଭ୍ୟାସ ପାଇଁ ସ୍ୱତନ୍ତ୍ର ରୁମ୍ ଦିଆଯିବ । ସଂଗୀତ, ନୃତ୍ୟ ଓ ନାଟକ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ସହ ସ୍ୱତନ୍ତ୍ର କ୍ଲାସ୍‌ରୁମ୍ ପ୍ରସ୍ତୁତ କରାଯିବ । ଲାଇବ୍ରେରୀରେ ଅତିକମ୍‌ରେ ୫୦ ବ୍ୟକ୍ତିଙ୍କର ୧୦୦୦ ଶୀର୍ଷକର ୪୦୦୦ରୁ ଅଧିକ ପୁସ୍ତକ ରହିବ । ସର୍ବନିମ୍ନ ୫୦ଟି ଜର୍ଣ୍ଣାଲ୍ ରହିବ । ପ୍ରତିଷ୍ଠାନମାନେ ଡିଜିଟାଲ୍ ଲାଇବ୍ରେରୀ ପ୍ରତିଷ୍ଠା କରିବେ । ପାର୍ଟ ଟାଇମ୍ ଅର୍ଥାତ୍ ବର୍ଷିକିଆ ବିଏଡ୍ ପାଠ୍ୟକ୍ରମରେ ୨ଟି ସେମିଷ୍ଟର ରହିବ । ପ୍ରତି ସେମିଷ୍ଟରରେ ୯୬ ଦିନ ଅତିକମ୍‌ରେ ପାଠପଢ଼ା ହେବ । ସ୍କୁଲ ଇଣ୍ଟର୍ନସିପ୍ ବାଧ୍ୟତାମୂଳକ ରହିବ । ଗୋଟିଏ ପିଲା ଚାହିଁଲେ ୨ ବର୍ଷରେ ଏହି ବର୍ଷିକିଆ ବିଏଡ୍‌କୁ ସାରିପାରିବ । ଏଥିରେ ପ୍ରାରମ୍ଭ, ପ୍ରସ୍ତୁତି, ମଧ୍ୟମ ଓ ମାଧ୍ୟମିକ ସ୍ତରର ପାଠପଢ଼ା ହେବ । ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଦ୍ୱାରା ଆୟୋଜିତ ପ୍ରବେଶିକା ପରୀକ୍ଷା ଦ୍ୱାରା ନାମେଲଖା ଚୟନ କରାଯିବ । ସେହିପରି ପାର୍ଟ ଟାଇମ୍ ଏମ୍ଏଡ୍ କୋର୍ସର ଆରମ୍ଭ ହେବ । ଏଥିରେ ପାଠପଢ଼ା ସହ କ୍ଷେତ୍ର କାର୍ଯ୍ୟ ଓ ଗବେଷଣା ରହିବ । ଯେଉଁମାନେ ଫୁଲ୍ ଟାଇମ୍ ଏମ୍ଏଡ୍ ପଢ଼ାଉଥିବେ ସେମାନେ ପାର୍ଟ ଟାଇମ୍ ଏମ୍ଏଡ୍ ପଢ଼ାଇ ପାରିବେ । ସର୍ବାଧିକ ୪ ବର୍ଷ ମଧ୍ୟରେ ଶିକ୍ଷାର୍ଥୀ ଏହି କୋର୍ସକୁ ସଂପୂର୍ଣ୍ଣ କରିବାର ସୁଯୋଗ ଦିଆଯିବ ।



## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ମାର୍ଚ୍ଚ ୨୦ ସୁଦ୍ଧା ବିଜେପିକୁ ମିଳିବେ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ !

**ନୂଆଦିଲ୍ଲୀ, ୨୪/୨**

ଭାରତୀୟ ଜନତା ପାର୍ଟି (ବିଜେପି)ର ପରବର୍ତ୍ତୀ ରାଷ୍ଟ୍ରୀୟ ଅଧ୍ୟକ୍ଷ କିଏ ହେବେ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି । ଏସବୁ ମଧ୍ୟରେ ବିଜେପିକୁ କେବେ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ମିଳିବେ ସେନେଇ ସୂଚନା ମିଳିଛି । ସୂଚନା ଅନୁଯାୟୀ, ଭାରତୀୟ ଜନତା ପାର୍ଟି (ବିଜେପି) ମାର୍ଚ୍ଚ ୨୦ ସୁଦ୍ଧା ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ପାଇବାର ସମ୍ଭାବନା ରହିଛି । ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ, ରାଜ୍ୟ ୟୁନିଟ୍ ଗୁଡ଼ିକରେ ଦଳୀୟ ନିର୍ବାଚନ ପରେ ରାଷ୍ଟ୍ରୀୟ ସଭାପତି ପାଇଁ ନିର୍ବାଚନ ହେବାକୁ ଯାଉଛି । ରାଷ୍ଟ୍ରୀୟ ସଭାପତି ପାଇଁ ନିର୍ବାଚନ ଗତ ଜାନୁଆରୀରେ ହେବାର ଥିଲା । କିନ୍ତୁ ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ ବିଳମ୍ବ ହୋଇଛି । ବିଜେପି ସମ୍ବିଧାନ ଅନୁଯାୟୀ, ଅଧା ରାଜ୍ୟରେ ନିର୍ବାଚନ ପୂର୍ବରୁ ଦଳର ଜାତୀୟ ଅଧ୍ୟକ୍ଷ ପାଇଁ ନିର୍ବାଚନ କରାଯାଇପାରିବ ନାହିଁ । ଏବେ ଜେ.ପି ନଡ୍ଡା ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଛନ୍ତି । ତାଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲେ ହେଁ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା । ସୂଚନାଯୋଗ୍ୟ, ବିଜେପି ଏପର୍ଯ୍ୟନ୍ତ ୨୮ ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୧୨ଟିରେ ନିର୍ବାଚନ ଶେଷ କରିଛି । ବିଜେପି ଆଗାମୀ ସପ୍ତାହରେ ଆଉ ୬ ରାଜ୍ୟରେ ନିର୍ବାଚନ କରିବାର ସମ୍ଭାବନା ରହିଛି । ଜେପି ନଡ୍ଡାଙ୍କୁ ପ୍ରଥମେ ୧୭ ଜୁନ୍ ୨୦୧୯ରେ ଦଳର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଥିଲା ଏବଂ ସେ ୨୦ ଜାନୁଆରୀ ୨୦୨୦ ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ । ୨୦ ଜାନୁଆରୀ ୨୦୨୦ରେ ସେ ଦଳର ୧୧ତମ ରାଷ୍ଟ୍ରୀୟ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ ।

## ଲାଲ୍ ସଂଗଠନକୁ ଶକ୍ତ ଝଟ୍‌କା

# ଅପରେସନ ବେଳେ ୯ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି ୨୪।୦୨ ନ୍ୟୁଜ ବ୍ୟୁରୋ**

ମାଓ ସଂଗଠନକୁ ଶକ୍ତ ଝଟ୍‌କା । ମାଲକାନଗିରି ସୀମାନ୍ତ ମୁଲୁଗୁ ଜିଲ୍ଲାରେ ୯ ଜଣ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ଛତିଶଗଡ଼ ବିଜାପୁର ଜିଲ୍ଲାର ବୋଲି ଜଣାପଡିଛି । ତେଲେଙ୍ଗାନା ମୁଲୁଗୁ ଜିଲ୍ଲାରେ ୯ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ମୁଲୁଗୁ ଜିଲ୍ଲା ଏସ୍‌ପି ଓ ୩୯ ବାଟାଲିୟନ ସିଆରପିଏଫ୍ ଅଧିକାରୀଙ୍କ ଦ୍ୱାରା ଚାଲିଥିବା ଅପରେସନ ଚେୟୁତା ମାଧ୍ୟମରେ ଏହି ମାଓବାଦୀମାନେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିଥିବା ସମସ୍ତ ୯ ଜଣ ମାଓବାଦୀ ହେଉଛନ୍ତି ଛତିଶଗଡ ବିଜାପୁର ଜିଲ୍ଲାର । ହେଲେ ଆତ୍ମସମର୍ପଣ ପରେ ତେଲେଙ୍ଗାନା ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ମୁଲୁଗୁ ଜିଲ୍ଲା ଏସ୍‌ପି କହିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀ ମାନେ ମଧ୍ୟ ସେମାନଙ୍କ ପରିବାର ସହିତ ଶାନ୍ତିପୂର୍ଣ୍ଣ ଭାବେ ଜୀବନଯାପନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି ।



ରବିବାସରୀୟ କଳିକା

# ପୁରୀରେ ଏସ୍‌କର୍ଟ ସର୍ଭିସ ନାଁରେ ଚାଲୁଛି ସେକ୍ସ ର୍ୟାକେଟ୍ : ଅଫ୍‌ଲାଇନ୍ ବେପାର ଅଣାୟତ୍ତ

**ପୁରୀ,୨୪/୦୨ ନ୍ୟୁଜ ବ୍ୟୁରୋ**



ଆଧ୍ୟାତ୍ମିକ ସହର ଶ୍ରୀକ୍ଷେତ୍ରକୁ ଧୀରେ ଧୀରେ କଳୁଷିତ କରୁଛି କିଛି ଅନୈତିକ କାରବାର । ଗତ କିଛି ବର୍ଷ ହେବ ଏହି ଅନୈତିକ କାରବାର ତାହାର ଚେର ବିସ୍ତାର କରିବାରେ ଲାଗିଛି । ଏହାକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଥିଲେ ସୁଦ୍ଧା ପୁଲିସ ତାହାକୁ ରୋକିବାରେ ବିଫଳ ହେଉଛି । ଏସ୍‌କର୍ଟ ସର୍ଭିସ ନାମରେ କାୟା ବିସ୍ତାର କରି ଚାଲିଛି ଏହି ଅନୈତିକ କାରବାର । ଅନ୍‌ଲାଇନ୍‌ରେ ଚାଲୁଛି ଏହି ଏସ୍‌କର୍ଟ ସର୍ଭିସ । ନିର୍ଦ୍ଦିଷ୍ଟ କିଛି ଲୋକଙ୍କୁ ଜଣା ଏହି ଏସ୍‌କର୍ଟ ସର୍ଭିସ୍ ବାବାଦରେ । ଏହି ନାଁ କାହାରି ମନକୁ ସନ୍ଦେହ ଆସିବ ନାହିଁ । ଏହି ନାଁ ଆଳରେ ଚାଲିଛି ଦେହ ବେପାର । ଏଭଳି ର୍ୟାକେଟ୍ ଚଳାଉଛନ୍ତି ସ୍ୱତନ୍ତ୍ର କିଛି ଦଲାଲ୍ । ବଡ଼ ବଡ଼ ସହରରେ ବହୁ ଆଗରୁ ଏହି ଏସ୍‌କର୍ଟ ସର୍ଭିସ ଚାଲିଛି । ଗତ କିଛି ମାସ ହେବ ଏହି ସର୍ଭିସ ଏବେ ପୁରୀକୁ କବଳିତ କରିଗଲାଣି । ପୁରୀ ତୀର୍ଥସ୍ଥଳ ହୋଇଥିବାରୁ ଏଠାରେ ଛୋଟ ବଡ଼ ହୋଇ ୭୦୦ରୁ ଊର୍ଦ୍ଧ୍ୱ ହୋଟେଲ ବ୍ୟତୀତ ଶତାଧିକ ଲଜ୍ ଓ ଗେଷ୍ଟହାଉସ ରହିଛି । ୱେବ୍‌ସାଇଟ୍‌ରେ ଏହି ନାମରେ ଖୋଜିଲେ ପୁଲା ପୁଲା ସାଇଟ୍ ରହିଛି । ଏଭଳି କି ଓଡ଼ିଆରେ ମଧ୍ୟ ଅନେକ ରୂପଜୀବୀଙ୍କ ସହିତ ସେମାନଙ୍କର ସମ୍ପୂର୍ଣ୍ଣ ଯୋଗାଯୋଗ ତଥ୍ୟ ଉପଲବ୍ଧ ହେଉଛି । କିଛି ରୂପଜୀବୀଙ୍କୁ ଦଲାଲ୍‌ଙ୍କ ମାଧ୍ୟମରେ ଯୋଗାଯୋଗ କରିବାକୁ ବି ହୋଇଥାଏ । ଗ୍ରାହକମାନେ ଫଟୋ ଦେଖି ନିଜ ପସନ୍ଦର ରୂପଜୀବୀ ବାଛିଥାନ୍ତି । ସବୁକିଛି କିଛି ଅନ୍‌ଲାଇନ୍ ମାଧ୍ୟମରେ ହୋଇଥାଏ । ଅନେକ ରୂପଜୀବୀ ଦଲାଲ୍‌ଙ୍କ ମାଧ୍ୟମରେ ଯୋଗାଯୋଗ କରି କ୍ୟୁଆର କୋର୍ଡ ପଠାଇ ଟଙ୍କା ନେଇଥାନ୍ତି । ଏହି କାରବାର ସରିବା ପରେ କାର୍ ଯୋଗେ ଗ୍ରାହକଙ୍କୁ ନେଇ ରୂପଜୀବୀଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି ଦଲାଲ୍ । ନଚେତ୍ ଗ୍ରାହକ ରହୁଥିବା ହୋଟେଲ୍‌ରେ ମଧ୍ୟ ରୂପଜୀବୀଙ୍କୁ ନେଇ ପହଞ୍ଚାଇ ଦେଇଥାନ୍ତି ଦଲାଲ । କେତେକ ହୋଟେଲ୍‌ରେ ଜମୁଛି ଏହି ଅନୈତିକ କାରବାର । ହୋଟେଲ୍‌ରେ ଅନେକ ସମୟରେ ଗ୍ରାହକ ମଧ୍ୟ ଠକାମିର ଶିକାର ହୋଇଥାନ୍ତି । ପସନ୍ଦ କରିଥିବା ରୂପଜୀବୀ ବଦଳରେ ଅନ୍ୟ ଜଣଙ୍କୁ ନେଇ ଦଲାଲ୍ ପହଞ୍ଚୁଛନ୍ତି । ଠକାମିରେ ପଡ଼ିଲେ ବି ଗ୍ରାହକ ମୁହଁ ଖୋଲନ୍ତି ନାହିଁ । ଅନେକ ସମୟରେ ମଧ୍ୟ ଗ୍ରାହକ ଲୁଟ୍‌ର ଶିକାର ହେଉଛନ୍ତି । ରୂପଜୀବୀ ମାଧ୍ୟମରେ ଦଲାଲ୍‌ମାନେ ଗ୍ରାହକଙ୍କଠାରୁ ଲୁଟ୍‌ପାଟ୍ କରୁଥିବା ସୂଚନା ମିଳିଛି । କିଛି ଗ୍ରାହକ ମଧ୍ୟ କ୍ୟୁଆର କୋର୍ଡରେ ଟଙ୍କା ଦେବା ପରେ ଏସ୍‌କର୍ଟ ସର୍ଭିସ୍ ପାଇବାରୁ ବଞ୍ଚିତ ହେଉଥିବା ନଜରକୁ ଆସିଛି । ଗତ ବୁଧବାର ବଳିଆପଣ୍ଡା ଅଞ୍ଚଳର ଏକ ହୋଟେଲ୍‌ରେ ଥିବା ତାଳଚେରର ଜଣେ ଯୁବକ ଏହି ଏସ୍‌କର୍ଟ ସର୍ଭିସରେ ଯୁବତୀ ପସନ୍ଦ କରି ଅଗ୍ରିମ ଟଙ୍କା ପଠାଇଥିଲେ । କିନ୍ତୁ ପରେ ତାଙ୍କୁ କୌଣସି ସୁବିଧା ମିଳିନଥିଲା । ପରେ ଯୋଗାଯୋଗ କରି ଶେଷରେ ନିରାଶ ହୋଇଥିଲେ । ରାଜ୍ୟ ବାହାରରୁ ଆସୁଥିବା ଅନେକ ପର୍ଯ୍ୟଟକ ଏହି ଅନୈତିକ କାରବାର ଜାଲରେ ଛନ୍ଦି ହୋଇ ଠକାମିରେ ପଡୁଥିବା ନଜରକୁ ଆସିଛି । ପୁରୀକୁ ଆସୁଥିବା ଅନେକ ପର୍ଯ୍ୟଟକ ନିଶା ଓ ଅନୈତିକ କାର୍ଯ୍ୟ କରିବାକୁ ପସନ୍ଦ କରୁଥିବା ଜଣେ ପୁଲିସ ଅଧିକାରୀ କହିଛନ୍ତି । ଧାର୍ମିକ ସହର ଏବେ ଅଧିକ ପର୍ଯ୍ୟଟନ ସହର ହୋଇପଡ଼ିଛି । ଜନବହୁଳ ରହୁଥିବାରୁ ଏଠାରେ କାହା ଉପରେ ନଜର ରଖିବା ମୁସ୍କିଲ୍ । ନିଶାଦ୍ରବ୍ୟ ସହଜରେ ଉପଲବ୍ଧ ହେଉଥିବା ସହ ଏସ୍‌କର୍ଟ ସର୍ଭିସ କାୟା ବିସ୍ତାର କରିଥିବାରୁ ପର୍ଯ୍ୟଟକମାନେ ଏଠାକୁ ଆସୁଥିବା କହିଛନ୍ତି ସାମାଜିକ କର୍ମୀ ତଥା କଂଗ୍ରେସ ନେତା ସ୍ୱାଧୀନ ପଣ୍ଡା । ପୁରୀରେ ବିନା କାଗଜପତ୍ର ତଥା ବିନା ଅନୁମତିରେ ଛତୁ ଫୁଟିଲା ଭଳି ହୋଟେଲ୍ ଓ ଲଜ୍ ରହିଛି । ଯେଉଁଠାରେ ଏସବୁକୁ ବେଶୀ ପ୍ରୋତ୍ସାହନ ଦିଆଯାଉଛି । ଏସବୁ କାର୍ଯ୍ୟରେ ଗ୍ରାହକଙ୍କଠାରୁ ଶୋଷଣ କରିବା ସହଜ ବୋଲି କିଛି ମାଲିକ କିମ୍ବା ଲିଜ୍‌ଧାରୀ ଏହି ବେଆଇନ୍ ଧନ୍ଦାକୁ ଆପଣାଇଛନ୍ତି । ଏକ ପ୍ରକାର ର୍ୟାକେଟ୍ ଏଥିପାଇଁ କାର୍ଯ୍ୟ କରୁଛି । ଏଥିରେ ହୋଟେଲ୍‌ର କର୍ମଚାରୀ ବି ସାମିଲ୍ ରହୁଛନ୍ତି । ସ୍ୱଳ୍ପ ସମୟର ପ୍ୟାକେଜ୍ ମାଧ୍ୟମରେ ଭଲ ଅର୍ଥ ରୋଜଗାର କରୁଛନ୍ତି । ଦିନକୁ ଦିନ ଏହା ଅଣାୟତ୍ତ ହୋଇ ଚାଲିଥିବା ଶ୍ରୀ ପଣ୍ଡା କହିଛନ୍ତି । ନିକଟରେ ଏକ ସେକ୍ସ ର୍ୟାକେଟ୍‌ରେ ନାବାଳିକାଙ୍କୁ ନିୟୋଜିତ କରାଯାଉଥିବା ଜଣାପଡିଥିଲା । ସେହିପରି କେତେକ ହୋଟେଲ୍‌ର କର୍ମଚାରୀଙ୍କ ସହ ଦଲାଲଙ୍କୁ ପୁଲିସ ଗିରଫ କରିଥିଲା । ପ୍ରାୟତଃ ସାମାଜିକ ଗଣମାଧ୍ୟମ ଜରିଆରେ ଏସବୁ କାର୍ଯ୍ୟ ଚାଲୁଛି । ଯଦି କେତେବେଳେ ଚଢ଼ଉ ହେଉଛି ତେବେ ଧରାପଡୁଥିବା ପୁଅଝିଅ ଲିଭ୍ ଇନ୍ ରିଲେସନ୍‌ରେ ଥିବା କହି ଖସୁଛନ୍ତି । ଏଭଳି କ୍ଷେତ୍ରରେ ଦେହକାରବାରକୁ ପ୍ରମାଣିତ କରାଇବା କଷ୍ଟକର ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି । ତଥାପି ଏଭଳି ଅନେକ ନିର୍ଦ୍ଦିଷ୍ଟ ହୋଟେଲ୍‌କୁ ଚିହ୍ନଟ କରାଯାଇଛି । ଖୁବ୍‌ଶୀଘ୍ର ଏହି ହୋଟେଲ୍ ଓ ଲଜ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ତେବେ ଏସମ୍ପର୍କରେ ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର କହିଛନ୍ତି, ଏକ ସ୍ୱତନ୍ତ୍ର ଆପ୍ ଯୋଗେ ସମସ୍ତ ହୋଟେଲ୍ ଓ ଲଜ୍‌ମାନଙ୍କ ଉପରେ ନଜର ରଖାଯିବ । ଯାହା ଫଳରେ ଏହି କାରବାରକୁ ନିୟନ୍ତ୍ରଣ କରାଯାଇପାରିବ । ଏସ୍‌ପି ଏବେ ଏହାକୁ ଗୁରୁତର ଭାବେ ନେଇ ଦୃଷ୍ଟି ଦେଇଥିବା ସେ କହିଛନ୍ତି ।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com